୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.143 Bhubaneswar Thursday July 11 2024 | ୨୬ତମ ବର୍ଷ ସଂଖ୍ୟା-୧୪୩ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ପତ୍ନୀଙ୍କୁ ମିଳୁ ଜଏଣ୍ଟ ଆକାଉଣ୍ଟ ଓ ଏଟିମ୍ ସୁବିଧା: ସୁପ୍ରିମକୋର୍ଟ

ଭୁବନେଶ୍ୱର,୧୦।୭(ପି.ଏନ): ପୁରୁଷମାନଙ୍କୁ ଗୃହିଣୀମାନଙ୍କର ଭୂମିକା ଏବଂ ପରିବାର ପ୍ରତି ସେମାନଙ୍କର ତ୍ୟାଗକୁ ସମ୍ମାନ ଜଣାଇବାର ସମୟ ଆସିଯାଇଛି। ସ୍ତ୍ରୀକୁ ସ୍ୱାମୀ ଆର୍ଥିକ କ୍ଷେତ୍ରରେ ସହାୟତା କରିବା ଆବଶ୍ୟକ। ଏକଥା ଆମେ କହୁନୁ, ଏକ ମାମଲାର ବିଚାର ସମୟରେ ଏପରି କହିଛନ୍ତି ସୁପ୍ରିମକୋର୍ଟ।ଛାଡ଼ପତ୍ର ପରେ ସ୍ତ୍ରୀକୁ ଭରଣ ପୋଷଣ ଦେବାକୁ ନେଇ ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ପରିବାରରେ ଗୃହିଣୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତୀୟ ପୁରୁଷମାନଙ୍କୁ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବାର ସମୟ ଆସିଯାଇଛି। ସ୍ୱାମୀମାନେ ସ୍ତ୍ରୀଙ୍କ ନାଁରେ ଜଏଣ୍ଟ ଆକାଉଣ୍ଟ ଖୋଲିବା ସହ



ATM ସୁବିଧା ଯୋଗାଇ ଦେବା ଆବଶ୍ୟକ।ପ୍ରକାଶ ଥାଉକି, ଏକ ମୁସଲିମ ଦମ୍ପତି ଛାଡ଼ପତ୍ର ପରେ ଭରଣ ପୋଷଣକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତଚଉର ଧାରା ୧୨୫ ଅନୁସାରେ ତେଲାଙ୍ଗାନାର ଜଣେ ମହିଳା ତାଙ୍କ ସ୍ୱାମୀ ମହମ୍ମଦ ଅବଦୁଲ ମସାଦଙ୍କଠାରୁ ଭରଣ ପୋଷଣ ଦାବି କରିଥିଲେ। ଏକ ପରିବାର ଅଦାଲତ ଏହି ଆବେଦନ ଉପରେ ବିଚାର କରି ଭରଣ ପୋଷଣ ବାବଦକୁ ୨୦ ହଜାର ଟଙ୍କା ଦେବାକୁ ମହମ୍ମଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ସ୍ତ୍ରୀକୁ ୧୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା, ଯାହାକୁ ପୁଣି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମହମ୍ମଦ।

## ବର୍ଷକ ପରେ ସମ୍ବଲପୁରରୁ ହଟିଲା ଧାର୍ମିକ ଶୋଭାଯାତ୍ରା କଟକଣା

ଭୁବନେଶ୍ୱର,୧୦।୭(ପି.ଏନ):ହଟିଲା ଧାର୍ମିକ ଶୋଭାଯାତ୍ରା କଟକଣା। ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୧ ବର୍ଷ ପାଇଁ ଧାର୍ମିକ ଶୋଭାଯାତ୍ରା ଉପରେ ଲାଗିଥିବା କଟକଣା ହଟିଛି। ଅକ୍ଷୟ ସୁନୀଲ ଅଗ୍ରୱାଲ ସମ୍ବଲପୁର ଜିଲ୍ଲାପାଳ କହିଛନ୍ତି, ବର୍ଷ ? ପୂର୍ବରୁ ସହରରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାର୍ମିକ ଶୋଭାଯାତ୍ରା ଉପରେ କଟକଣା ଲଗାଇଥିଲା ଜିଲ୍ଲା ପ୍ରଶାସନ। ଏବେ ପରିସ୍ଥିତି ସ୍ୱାଭାବିକ ହୋଇଥିବାରୁ ପୂର୍ବରୁ ଜାରି ହୋଇଥିବା କଟକଣା ଆଉ ରହିବ ନାହିଁ। ଆଜି ଜିଲ୍ଲା ପରିଷଦ ମିଟିଂ ହଲରେ ଆଗାମୀ ମହରମ ପର୍ବ ପାଳନ ପାଇଁ ଅନୁଷ୍ଠିତ ହୋଇଥିବା ଶାନ୍ତି ଓ ସମନ୍ୱୟ ବୈଠକ ପରେ ଜିଲ୍ଲାପାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।



### ବସିବ ପରିଚାଳନା କମିଟି ବୈଠକ, ସରକାରଙ୍କୁ ଦିଆଯିବ ରତ୍ନଭଣ୍ଡାର ଖୋଲିବା ନେଇ ପ୍ରସ୍ତାବ

ଭୁବନେଶ୍ୱର,୧୦।୭(ପି.ଏନ): ଆଜି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିବ । ରତ୍ନଭଣ୍ଡାର ଖୋଲିବାକୁ ନେଇ ଏଥିରେ ସରକାରଙ୍କୁ ପ୍ରସ୍ତାବ ଦେବ କମିଟି । ଗତକାଲି ମଧ୍ୟ ଜଷ୍ଟିସ ବିଶ୍ୱନାଥ କରଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବାକୁ ନେଇ ଏଥିରେ ଆଲୋଚନା ହୋଇଥିଲା । ରତ୍ନଭଣ୍ଡାର ଅସଲି ଚାବିରେ ଖୋଲାଯିବ, ଯଦି ଚାବି ନ ମିଳେ ତେବେ ତାଲା ଭଙ୍ଗା ଯିବ ଓ ଏହାକୁ ସାର୍ବଜନୀନ ମଧ୍ୟ କରାଯିବ । ସେଠାରେ ଥିବା ସମସ୍ତ ଜିନିଷର ଡିଜିଟାଲ ଫଟୋ ଉତ୍ତୋଳନ ମଧ୍ୟ ହେବ । ତାହାସହିତ ଏହାର କ୍ୟାଟେଲକ ମଧ୍ୟ ତିଆରି ହେବ ।

### ରାଜ୍ୟସ୍ତରୀୟ ସିଙ୍ଗଲ ଉଇଣ୍ଡୋ କ୍ଲିଅରାନସ ଅଥରିଟି ବୈଠକରେ ୨୬ଟି ପ୍ରକଳ୍ପକୁ ଅନୁମୋଦନ, ୧୯ ହଜାର ସମ୍ଭାବ୍ୟ ନିଯୁକ୍ତି

ଭୁବନେଶ୍ୱର: ରାଜ୍ୟସ୍ତରୀୟ ସିଙ୍ଗଲ ଉଇଣ୍ଡୋ କ୍ଲିଅରାନସ ଅଥରିଟି ବୁଧବାର ଏକ ବୈଠକରେ ୨୬ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡିକରେ ୫୯୯୨.୯୨ କୋଟି ଟଙ୍କା ବ୍ୟୟରେ ହେବ। ଏହା ଦ୍ୱାରା ୧୯ ହଜାର ୩୬୪ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୩୦ତମ ବୈଠକରେ ଇସ୍ପାତ, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ବୟନଶିଳ୍ପ, ଉତ୍ପାଦନ, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରୀୟ ପ୍ରକଳ୍ପକୁ ଏହି ଅନୁମୋଦନ କରିଛି। ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ବାଲେଶ୍ୱର, କଟକ, ଭଦ୍ରକ ଓ ପୁରୀ ଆଦି ୧୪ଟି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

## ସୁପ୍ରିମକୋର୍ଟଙ୍କ ବଡ଼ ରାୟ; ମୁସଲିମ ଧର୍ମରେ ଛାଡ଼ପତ୍ର ପରେ ସ୍ତ୍ରୀକୁ ଭରଣ ପୋଷଣ ଦେବ ସ୍ୱାମୀ

ଭୁବନେଶ୍ୱର,୧୦।୭(ପି.ଏନ):ମୁସଲିମ ମହିଳାଙ୍କ ଅଧିକାରକୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି। ଛାଡ଼ପତ୍ର ପରେ ବି ଆଇନଗତ ଦୃଷ୍ଟିରୁ ସ୍ତ୍ରୀର ଭରଣ ପୋଷଣ ଦାୟିତ୍ୱ ନେବାକୁ ସ୍ୱାମୀ ବାଧ ବୋଲି ସର୍ବୋଚ୍ଚଅଦାଲତ କହିଛନ୍ତି। ଭରଣ ପୋଷଣ କ୍ଷେତ୍ରରେ ଧର୍ମ ବାଧା ସୃଷ୍ଟି କରିପାରିବ ନାହିଁ ବୋଲି ରାୟରେ ଦର୍ଶାଇଛନ୍ତି ସର୍ବୋଚ୍ଚ ଅଦାଲତ।ସୂଚନା ଅନୁସାରେ, ତେଲାଙ୍ଗାନାର ଜଣେ ମୁସଲିମ ମହିଳା ଓ ତାଙ୍କ ସ୍ୱାମୀ ମହମ୍ମଦ ଅବଦୁଲ ମସାଦଙ୍କ ମଧ୍ୟରେ ୨୦୧୭ରେ ଛାଡ଼ପତ୍ର ହୋଇଥିଲା। କିନ୍ତୁ ମହିଳା ଜଣକ ଉକ୍ତଚଉର ଧାରା ୧୨୫ ଅନୁଯାୟୀ ସ୍ୱାମୀଙ୍କଠୁ ଭରଣ ପୋଷଣ ପାଇଁ ଦାବି କରିଥିଲେ। କିନ୍ତୁ ତାଙ୍କ ସ୍ୱାମୀ ଅବଦୁଲ ମସାଦ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଆଜି ସର୍ବୋଚ୍ଚ ଅଦାଲତର ଜଷ୍ଟିସ ବିଭି ନାଗାରନ୍ନ ଓ ଜଷ୍ଟିସ ଅଗଷ୍ଟିନ ଗର୍ଗ ମାସିହ ଏହା ଉପରେ ଶୁଣାଣି କରି ଅବଦୁଲଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଉକ୍ତଚଉର ଧାରା ୧୨୫ ଅନୁସାରେ ଛାଡ଼ପତ୍ର ପରେ ବି ସ୍ୱାମୀ, ସ୍ତ୍ରୀର ଭରଣ ପୋଷଣ ଦାୟିତ୍ୱ ନେବାକୁ ବାଧ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଓଡିଶାର କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଁଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ: ମନମୋହନ ସାମଲ

ଭୁବନେଶ୍ୱର,୧୦।୭(ପି.ଏନ): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡିଶାବାସୀଙ୍କୁ ସର୍ବଦା ପ୍ରାଧାନ୍ୟ ଦେଉଛନ୍ତି । ଓଡିଶାର କଳା, ସଂସ୍କୃତି, ପରମ୍ପରାକୁ ବିଶ୍ୱଦରବାରରେ ପହଁଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ଋଷିଆ ଗସ୍ତରେ ଯାଇଥିବା ବେଳେ ମୋଦିଙ୍କୁ ସେଠାକାର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ସାମଲ ଶୁଭେଚ୍ଛା ଜଣାଇଛନ୍ତି ।



ଶ୍ରୀ ସାମଲ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଋଷରେ ଯେଉଁ ସମ୍ମାନ ମିଳିଛି ସେଥିପାଇଁ ସାରା ଭାରତବାସୀ ଗର୍ବିତ । ଏହା ପୂର୍ବରୁ ମୋଦିଜୀ ଆମେରିକା ସଂସଦରେ ୨ ଥର ବକ୍ତବ୍ୟ ଦେବାର ସୌଭାଗ୍ୟ ଲାଭ କରିଛନ୍ତି । ସେ ଫ୍ରାନ୍ସ, ଇଜିପ୍ଟ, ଭୁଟାନ୍, ୟୁଏଇ, ପାଲେଷ୍ଟିନ୍ ଓ ସାଉଦି ଆରବ ଆଦି ଦେଶରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପାଇଛନ୍ତି । ଋଷିଆରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ ବେଳେ "ଜୟ ଜଗନ୍ନାଥ" କହିବା କୋଟି ଓଡିଆଙ୍କ ହୃଦୟକୁ ଛୁଇଁଛି । ସେଠାରେ ସେ ପିନ୍ଧିଥିବା ସମ୍ବଲପୁରୀ ଉତରୀୟ ଦେଖାଇ ଓଡିଶାବାସୀଙ୍କୁ ସମ୍ମାନିତ କରିଛନ୍ତି । ସେ ଓଡିଶାର ରାଜନୈତିକ ପରିବର୍ତନ ବିଷୟରେ କହିବା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ପ୍ରବାସୀ ଭାରତୀୟଙ୍କୁ ଅବଗତ କରାଇଛନ୍ତି। ଏହା ସମଗ୍ର ଓଡିଶାବାସୀଙ୍କୁ ଗର୍ବିତ କରିଛି। ଏହା ପୂର୍ବରୁ ମଧ୍ୟ ଅନେକ ଥର ବିଦେଶଗସ୍ତ ବେଳେ ଓଡିଶାର ଐତିହ୍ୟକୁ ପ୍ରଧାନମନ୍ତ୍ରୀ ମୋଦି ସ୍ମରଣ କରିଛନ୍ତି। ୨୦୨୨ରେ ଇଣ୍ଡୋନେସିଆର ବାଲିଠାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ପ୍ର?ଧାନମନ୍ତ୍ରୀ ମୋଦି କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାକୁ ସ୍ମରଣ କରିଥିଲେ । କଟକ ମହାନଦୀ କୂଳରେ ପ୍ରତିବର୍ଷ ହେଉଥିବା ବାଣିଜ୍ୟ ମେଳାକୁ ସେ ପ୍ରଶଂସା କରିଥିଲେ ।ଓଡିଆବାସୀଙ୍କ କଳା ଓ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚାର ଓ ପ୍ରସାର କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ସଭାପତି ଶ୍ରୀ ସାମଲ ଓଡିଶାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।

## କାହା ଭୁଲରୁ ତାଳଧ୍ୱଜ ରଥରେ ଘଟିଲା ଅଘଟଣ ?

ଭୁବନେଶ୍ୱର,୧୦।୭(ପି.ଏନ):ଏତେ ଖାମଖିଆଲ, ଏତେ ବେପରୁଆପଣ ? ବାରମ୍ବାର ଅଘଟଣରୁ ବି କ'ଣ କିଛି ଶିଖୁନାହାନ୍ତି ସେବାୟତ? ଗଲା ବର୍ଷ ପ୍ରଭୁ ଜଗନ୍ନାଥ। ଆଉ ଏବର୍ଷ ବଡ ଠାକୁର ବଳଭଦ୍ର। ଆଡପ ପହଣ୍ଡିବେଳେ ଏମିତି ରଥର ଚାରମାଳ ଉପରେ ଦୁଲ୍ ଦାଲ୍ ଖସି ହାମୁଡି ପଡୁଛନ୍ତି ଜଣକ ପରେ ଜଣେ ଦିଅଁ ? କାହିଁକି ଗଲାବର୍ଷର ଘଟଣାରୁ କିଛି ଶିଖିଲେନି ସେବାୟତ? ଗତକାଲିର ଘଟଣା ଜଗନ୍ନାଥ ପ୍ରେମୀଙ୍କୁ ଯେତିକି ଗଭୀର ଆଘାତ ଦେଇଛି, ଶ୍ରୀଜିଉଙ୍କ ଶ୍ରୀଅଙ୍ଗ ସୁରକ୍ଷା ଉପରେ ବି ଲଗାଇଛି ସେତିକି ପ୍ରଶ୍ନ ଚିହ୍ନ।ଗୋଟିଏ ପଟେ



ଗତକାଲିର ଅଘଟଣକୁ ନେଇ ବଳଭଦ୍ରଙ୍କ ମୁଖ୍ୟ ବାଡଗ୍ରାହୀ ହଳଧର ଦାସ ମହାପାତ୍ର ଏଯାଏଁ ମୁହଁ ଖୋଲୁ ନଥିବାବେଳେ, ଜଗନ୍ନାଥଙ୍କ ମୁଖ୍ୟ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କିନ୍ତୁ ସିଧାସଳଖ ଏଥିପାଇଁ ସେବକଙ୍କ ବିଶୃଙ୍ଖଳିତ ଆଚରଣକୁ ଦାୟୀ କରିଛନ୍ତି। ଜଗୁନି କହିଛନ୍ତି- ଯୁବ ସେବାୟତମାନେ କିଛି ମାନୁ ନାହାନ୍ତି। ରଥରେ ଦରକାରଠୁ ଅଧିକ ଗୁଣା ସେବାୟତ ଓ ଅଣସେବାୟତ ଚଢୁଛନ୍ତି। ସେମାନେ ଠାକୁରଙ୍କ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ? ମୋବାଇଲ୍ ଧରି ଫଟୋ ଉଠାଇବା ସାଙ୍ଗକୁ ରିଲ୍ ନିଶାରେ ମସଗୁଲ୍ ହେଉଛନ୍ତି ।ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ପହଣ୍ଡି ବେଳେ ବିଶୃଙ୍ଖଳା ରୋକିବାକୁ ଦଇତାପତି ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଅନେକ ଥର ଚିଠି ଲେଖାଯାଇଛି। ତାସତ୍ତ୍ୱେ କିଛି ଆକ୍ସନ ନିଆଯାଉନାହିଁ। ଯାହା ଫଳରେ ଆଗାମୀ ଦିନରେ ଶୃଙ୍ଖଳିତ ରଥଯାତ୍ରା ହେବା ନେଇ ବି ଆଶଙ୍କା ସୃଷ୍ଟି ହେଲାଣି।

## ଗଂଜାମରେ ଗଣଦୁଷ୍କର୍ମର ଶିକାର ହେଲେ ମହିଳା; ଅଭିଯୁକ୍ତଙ୍କ ମାଡରେ ଲହୁଲୁହାଣ ହେଲେ ପୀଡିତା

କବିସୂର୍ଯ୍ୟନଗର,୧୦।୭(ପି.ଏନ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଖଇରପଲ୍ଲୀ ଗ୍ରାମରେ ଜଣେ ମହିଳା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଅଭିଯୁକ୍ତମାନେ ତାଙ୍କୁ ନିର୍ମମ ମାଡ ମାରିବା ସହ ତାଙ୍କ ଯେ?ନାଙ୍ଗରେ ମଦ ବୋତଲ ପୂରାଇଦେବା ଅଭିଯୋଗ ଆଲୋଡନ ସୃଷ୍ଟି କରିଛି। ପୀଡିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ଗଞ୍ଜେଇ ବେପାରରେ ବିବାଦକୁ କେନ୍ଦ୍ର କରି ଏଭଳି ଅମାନୁଷିକ କାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ତିନିଜଣ ଯୁବକଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ସେହିପରି ଉକ୍ତ ମହିଳାଙ୍କ ଜଣେ ପୁରୁଷ ସହଯୋଗୀଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ସୂଚନା ମିଳିଛି ।ସୂଚନାନୁସାରେ, ପୋଲସରାର ସଂପୃକ୍ତ ମହିଳାଜଣକ ବହୁ ବର୍ଷ ହେଲା ଗଞ୍ଜେଇ ବେପାର କରି ଆସୁଛନ୍ତି। କିଛିମାସ ତଳେ ବେପାରକୁ ନେଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସହ ତାଙ୍କର ବିବାଦ ଲାଗିଥିଲା। ଆଉ ସେ କେ?ଶଳ କରି କୋଦଳା ପୁଲିସ ହାତରେ କିଛି ଯୁବକଙ୍କୁ ଗଞ୍ଜେଇ ସହ ଧରାଇ ଦେଇଥିଲେ। ଫଳରେ ଉକ୍ତ ଯୁବକମାନେ ପ୍ରତିଶୋଧ ନେବାକୁ ସୁଯୋଗ ଉଣ୍ଡୁଥିଲେ। କିଛିଦିନ ତଳେ ଜାମିନରେ ଆସିଥିବା ବେଳେ ସେମାନେ ଉକ୍ତ ମହିଳାଙ୍କୁ ଗତକାଲି ଅପରାହ୍ଣ ୪ଟାରେ ଗଞ୍ଜେଇ ବେପାର ବାବଦ ବକେୟା ଟଙ୍କା ନେବାକୁ ଡାକିଥିଲେ। ମହିଳାଜଣକ ତାଙ୍କର ଜଣେ ପୁରୁଷ ସହଯୋଗୀଙ୍କ ସହ ବାଇକ୍‌ରେ କବିସୂର୍ଯ୍ୟନଗର ଥାନା ଖଇରପଲ୍ଲୀ ଗ୍ରାମ ନିକଟକୁ ଆସିଥିଲେ। ୩ରୁ ୪ ଜଣ ଯୁବକ ଉଭୟଙ୍କୁ ସେଠାରେ ପ୍ରବଳ ମାଡ ମାରିଥିଲେ। ଅପରାହ୍ଣ ୪ଟାରୁ ପାହାଡ ମୁଣ୍ଡିଆକୁ ନେଇ ସେଠାରେ ଗଣଦୁଷ୍କର୍ମ କରିବା ସହ ପ୍ରବଳ ମାଡ ମାରିଥିଲେ। ଏପରିକି ତାଙ୍କ ଯୌନାଙ୍ଗରେ ମଦ ବୋତଲ ପୂରାଇ ରାତିସାରା ନିର୍ଯାତନା ଦେଇଥିଲେ ।ଆଜି ସକାଳେ ଗ୍ରାମର ହ୍ରଦ ନିକଟରୁ ଉକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ପରେ ସେ ସମଗ୍ର ଘଟଣା ବର୍ଣ୍ଣନା କରିଥିଲେ।

## ଲଘୁଖଣିଜ ବିଭାଗ ପକ୍ଷରୁ ୨୨ଟି କ୍ରସରରେ ମିଳିତ ଚଢାଉ

ଧର୍ମଶାଳା,୧୦।୭(ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ଓ ଡଙ୍କାରୀ ଓ ବାରମାଣ ଅଂଚଳରେ ଥିବା ୨୨ ଗୋଟି କ୍ରଶର ଉପରେ ଲଘୁଖଣିଜ ବିଭାଗ ପକ୍ଷରୁ ଭୁଧବାର ମିଳିତ ଭାବେ ଚଢାଉ କରାଯାଇଛି । ସରକାର ପରିବର୍ତନ ହେବା ପରେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ଯାଜପୁର ଲଘୁଖଣିଜ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲ ଅ'ର୍ଗତ ବିଭିନ୍ନ କ୍ରଶର ଗୁଡିକରେ ଚଢାଉ ଆରମ୍ଭ ହୋଇଛି । ଆଜି ଜିଲ୍ଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ଖଣି ଅଧିକାରୀ ଯଶକେତନ ସେଠୀ, ରାଜ୍ୟ ପ୍ରଦୂଷଣ ବୋର୍ଡର ଜିଲ୍ଲା ଅଧିକାରୀ, ରାଜସ୍ୱ ନିରିକ୍ଷକ ଚନ୍ଦନ କୁମାର ସାହୁ, ମାନସ ରନ ବେଜ, ମାଧବାନନ୍ଦ ଆଇଚ, ସତ୍ୟ ସୁନ୍ଦର ସାହୁଙ୍କ ସମେତ ଜେନାପୁର ପୁଲିସ ମିଳିତ ଭାବେ ଏହି ଚଢାଉ କରିଥିଲେ । ଏହି ଟିମ ଆଜି ଉପରୋକ୍ତ ଅଂଚଳର ୨୨ ଗୋଟି କ୍ରସରରେ ଚଢାଉ କରି ଏଠାରେ କେତେପରିମାଣର କଳାପଥର ରହିଛି ଏବଂ ତାହାର ଟ୍ରାନଜିଟ ପାସ ଅଦି ଯାଂଚ କରିଥିଲେ। ଗତ ୪ ତାରିଖରେ ରାହାଡପୁର ଓ ଡଙ୍କାରୀସ୍ଥିତ ୧୨ ଗୋଟି କ୍ରଶରରେ ଚଢାଉ କରାଯାଇଥିଲା । ପରବର୍ତୀ ସମୟରେ ମାପଚୁପ କରାଯାଇ ଆବଶ୍ୟକୀୟ କାଗଜପତ୍ର ଦେଖାଇବାକୁ ସେମାନଙ୍କୁ ନୋଟିସ ଦିଆଯାଇଛି ବୋଲି ଜିଲ୍ଲା ଲଘୁ ଖଣିଜ ଉପନିର୍ଦ୍ଦେଶକ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

## କିସ୍ ଓ ଏଭିଏନ୍‌ଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୦।୭(ପି.ଏନ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ଓ ଆର୍ମୋର୍ଡ୍ ଭାଇକିଲ୍‌ସ୍ ନିଗମ ଲିମିଟେଡ୍ (ଏଭିଏନ୍‌ଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ଆଜି ସ୍ୱାକ୍ଷରିତ ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିସ୍ ପକ୍ଷରୁ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପ୍ରଶାନ୍ତ କୁମାର ରାଉତରାୟ ଓ ଏଭିଏନ୍‌ଏଲ୍ ପକ୍ଷରୁ ଏହାର ମାନବସମ୍ବଳ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଟ୍ଟନାୟକ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଆର୍ମୋର୍ଡ୍ ଭାଇକିଲ୍‌ସ୍ ନିଗମ ଲିମିଟେଡ୍ (ଏଭିଏନ୍‌ଏଲ୍) ହେଉଛି ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟର ଡ଼ିଫେନ୍‌ସ ପ୍ରଡ଼କ୍‌ସନ୍ ବିଭାଗ ଅଧିନରେ ଥିବା ଏକ ନିଗମ। ଏହି ବୁଝାମଣା ଅନୁଯାୟୀ ଉଭୟ କିସ୍ ଓ ଏଭିଏନ୍‌ଏଲ୍ ଶିକ୍ଷା, ଗବେଷଣା, ତାଲିମ, କନ୍‌ସଲ୍‌ଟାନ୍‌ସି, ଆଡ଼ଭାଇଜରୀ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଆଦି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଅନୁଷ୍ଠାନ ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର, ଶୈକ୍ଷିକ କର୍ମଶାଳା, ଧନ୍ଦାମୂଳକ ତାଲିମ ଏବଂ ପରିବେଶ ସୁରକ୍ଷା ଆଦି କମ୍ୟୁନିଟି ଆଉଟ୍‌ରିଚ୍ ଓ ସିଏସ୍‌ଆର କାର୍ଯ୍ୟକ୍ରମ କରିବେ। ଏଭିଏନ୍‌ଏଲ କିସ୍‌ରେ ପାଠ ପଢୁଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିବା ସହ କିସ୍‌ର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ସହଯୋଗ ନିମନ୍ତେ



ଆର୍ଥିକ ସହାୟତା ସମେତ ଏଭିଏନ୍‌ଏଲ୍‌ର ସିଏସ୍‌ଆର ନୀତି ଅନୁଯାୟୀ ଉଭୟ କିସ୍ ଓ ଏଭିଏନ୍‌ଏଲ୍ ବିଭିନ୍ନ ପ୍ରକାର ସିଏସ୍‌ଆର୍ କାର୍ଯ୍ୟକ୍ରମ ମିଳିତ ଭାବେ କରିବେ। ପ୍ରତିରକ୍ଷା ଓ ଅଟୋମେଟିଭ୍ କ୍ଷେତ୍ରରେ କିସ୍ ଓ କିଟ୍ କିସ୍ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ଲକ୍ଷ୍ୟରେ କିସ୍ ଓ ଏଭିଏନ୍‌ଏଲ୍ ସାଧରଣ ଶ୍ରମଭିତ୍ତିକ ତାଲିମଠାରୁ ଆରମ୍ଭ କରି ଅତ୍ୟାଧୁନିକ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବେ। କିସ୍ ଓ ଏଭିଏନ୍‌ଏଲ୍ ମିଳିତଭାବେ ଯୁଗ୍ମ ଗବେଷଣା ଓ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବା ସହ ଇନ୍‌କ୍ୟୁବେସନ୍ ସେଲ୍ ଖୋଲିବେ। ଏହା ବ୍ୟତୀତ ଉଭୟ ଅନୁଷ୍ଠାନ ମିଳିତ ଭାବେ ଯୁଗ୍ମ ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଗବେଷଣା ପାଠ୍ୟକ୍ରମ ପାଇଁ ବିଭିନ୍ନ ବିଭିନ୍ନ ବିଷୟରେ ସ୍ନାତକୋତ୍ତର କରୁଥିବା ଛାତ୍ରଛାତ୍ରୀଙ୍କୁ ପଞ୍ଜୀକରଣ କରିବେ। ଯେଉଁ ଗବେଷଣାରତ ଛାତ୍ରଛାତ୍ରୀମାନେ ଅନ୍ୟ କୌଣସି ଅନୁଷ୍ଠାନରୁ ବୃତ୍ତି ପାଉ ନ ଥିବେ ସେମାନଙ୍କୁ ଏଭିଏନ୍‌ଏଲ୍ ପକ୍ଷରୁ ସର୍ବାଧିକ ୪ବର୍ଷ ପାଇଁ ବୃତ୍ତି ପ୍ରଦାନ କରାଯିବ। ଏହି ବୁଝାମଣାପତ୍ର ଅନୁଯାୟୀ କିସ୍ ଓ ଏଭିଏନ୍‌ଏଲ୍‌ର କର୍ମଚାରୀଙ୍କୁ ସେମାନଙ୍କର ଦକ୍ଷତା ଓ ଜ୍ଞାନର ବିକାଶ ନିମନ୍ତେ ମିଳିତ ଭାବେ କିମ୍ବା ବ୍ୟକ୍ତିଗତ ଭାବେ ୧ରୁ ୪ ସପ୍ତାହ ପର୍ଯ୍ୟନ୍ତ ସ୍ୱଳ୍ପ ଅବଧି ତାଲିମ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବୁଝାମଣା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଏଭିଏନ୍‌ଏଲ୍‌କୁ କୃତଜ୍ଞତା ଜଣାଇଛନ୍ତି। ଭବିଷ୍ୟତରେ ଉଭୟ ଅନୁଷ୍ଠାନ ମଧ୍ୟରେ ସମ୍ପର୍କ ଦୃଢ଼ ରହିବ ବୋଲି ସେ ଆଶା ପୋଷଣ କରିଛନ୍ତି। ଏହି ବୁଝାମଣା ସ୍ୱାକ୍ଷର କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଏଭିଏନ୍‌ଏଲ୍‌ର ମାନବ ସମ୍ବଳ ସାଧାରଣ ପରିଚାଳକ ରଞ୍ଜନ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତଦେହକୁ କାନ୍ଧେଇ ନଦୀ ପାର ହେଲେ ଯବାନ, ଭିଡିଓ ଭାଇରାଲ

ମାଲକାନଗିରି,୧୦।୭(ପି.ଏନ): ସୀମାନ୍ତ ଛତିଶଗଡରେ ନକ୍ସଲ ବିରୋଧୀ ଅପରେସନ ଜୋରଦାର ଚାଲିଛି। ସଂପୂର୍ଣ୍ଣ ନକ୍ସଲ ଦମନ ନେଇ ସରକାର ଏକ ପ୍ରକାର ନିଷ୍ପତ୍ତି ନେଇସାରିଛନ୍ତି ।ପ୍ରତିଦିନ ଜଂଗଲରୁ ଯବାନଙ୍କ ଅପରେସନର ଭିନ୍ନଭିନ୍ନ ଦୃଶ୍ୟର ଭିଡିଓ ଭାଇରାଲ ହେବାକୁ ଲାଗିଛି। ଆଜି ଆସିଥିବା ଭିଡିଓରେ ଯବାନ ବର୍ଷାରେ ଜଂଗଲରେ କମ୍ବିଂ ଅପରେସନ କରୁଥିବା ବେଳେ ଜଂଗଲରେ ପାଣିର ଘୋର ଅଭାବ ରହିଥିଲା। ତେଣୁ ବର୍ଷା ଜଳକୁ ଏକ ପଲିଥିନରେ ସଂଗ୍ରହ କରିବା ପରେ ତାକୁ ବୋତଲରେ ଭର୍ତ୍ତି କରୁଥିବାର ଦୃଶ୍ୟ ମନ ଛୁଇଁଥିଲା।ସେହିପରି ଗତକାଲି କାଂକେର ଜିଲ୍ଲାର ଜଣେ ମହିଳା ମାଓବାଦୀକୁ ମାରିବା ପରେ ତାର ଶବକୁ କାନ୍ଧରେ ବୋହି ନଦୀ ପାର କରୁଥିବା



ଦୃଶ୍ୟ ଅତି ଭୟାନକ ଥିଲା। ଯବାନ ମନୁଷ୍ୟ ଶୃଙ୍ଖଳା କରି କ୍ଷିପ୍ର ଗତିରେ ବହୁଥିବା ନଦୀକୁ ପାର କରୁଥିଲେ। ଏହି ଦୁଇଟି ଭିଡିଓ ଏବେ ବେଶ ଭାଇରାଲ ହେବାକୁ ଲାଗିଛି। ଦିନ ରାତି ଏକ କରି ଜୀବନକୁ ପାଣି ଛଡାଇ ଦେଶ ମାତୃକାର ସେବାରେ ଲାଗିଛନ୍ତି ପଡୋଶୀ ଛତିଶଗଡ଼ରେ ମୁତୟନ ସୁରକ୍ଷା ବହିନୀ। ନକ୍ସଲ ବିରୋଧରେ ଶେଷ ଲଢେଇ ପାଇଁ ଏବେ ଛତିଶଗଡ଼ର ଘଞ୍ଚ ଜଙ୍ଗଲରେ ଅପ୍ରତିକୂଳ ପରିସ୍ଥିତିରେ ଯବାନଙ୍କ ଅପରେସନର ଭିଡିଓ ସାମ୍ନାକୁ ଆସୁଛି। ଯବାନଙ୍କ ଏହି କାର୍ଯ୍ୟକୁ ଦେଖିଲେ ମନେ ହେଉଛି ଯେ ନିଶ୍ଚିତ ଭାବରେ ଛତିଶଗଡ଼ରୁ ମାଓବାଦୀଙ୍କୁ ବିତାଡିତ କରିବାରେ ସଫଳ ହେବେ। ଉଭୟ ଚିତ୍ର ପଡ?ଶୀ ଛତିଶଗଡ଼ର ଆବୁଝମାଡ଼ ଜଙ୍ଗଲର ବୋଲି ଜଣାପଡ଼ିଛି ।ସୂଚନାଯୋଗ୍ୟ, ଛତିଶଗଡ଼ରେ ଚଳିତ ବର୍ଷ ଜାନୁଆରି ୧ ତାରିଖରୁ ଅପରେସନ 'କଗାର' ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୧୪୦ରୁ ଊର୍ଦ୍ଧ୍ୱ ନକ୍ସଲଙ୍କୁ ବିଭିନ୍ନ ଏନକାଉଣ୍ଟରରେ ମାରି ଗଡାଇଛନ୍ତି ସୁରକ୍ଷା ବାହିନୀ। ତେବେ ଛତିଶଗଡ଼ରେ ମୁତୟନ ଥିବା କେନ୍ଦ୍ରୀୟ ସୁରକ୍ଷା ବହିନୀ ବିଏସଏଫ, ସିଆରପିଏଫ, ଆଟିବିପିଙ୍କ ସମେତ ରାଜ୍ୟ ସୁରକ୍ଷା ବହିନୀ ଡିଆରଜି, ଏସଟିଏଫ ଓ ପୁଲିସଙ୍କ ମିଳିତ ଅପରେସନରେ ମାଓ ସଂଗଠନର ମେରୁଦଣ୍ଡକୁ ଭାଙ୍ଗି ଦେଇଛି।





# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଶ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ଯାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ଯାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯଷ୍ଯ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଯାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଯତୀତ ଅନଷ୍ଯ ରାଜଷ୍ଯରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଯାରେ ପର୍ଯ୍ୟଷ୍ଟ୍ୟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟକଙ୍କ ବର୍ଦ୍ଧିତ ସଂଖଷ୍ଯାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଯ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଯାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଯ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟକଙ୍କ ଭିଡକୁ ଲକ୍ଷଷ୍ଯ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଯ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଯବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଯତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ଯାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଯ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ଯ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଯ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ଯାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଯ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଯନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଜୁଲାଇ ୧୧**

# ପର୍ଶୁରାମାଷ୍ଟମୀ : ଭଗବାନ ପର୍ଶୁରାମଙ୍କ ଜନ୍ମ ଉତ୍ସବ



ଗୋପୀନାଥ ଦାଶ

ଆଷାଢ଼ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପର୍ଶୁରାମଷ୍ଟମୀ ପାଳନ କରାଯାଏ । ଏହି ଦିନ ଭଗବାନ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ଚଳିତବର୍ଷ ଜୁଲାଇ ୧୬ ତାରିଖରେ ଏହି ପବିତ୍ର ଉତ୍ସବ ପଡୁଛି । କ୍ଷତ୍ରିୟମାନେ ଅତ୍ୟାଚାରୀ ହୋଇ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ । ଭଗବାନ ପର୍ଶୁରାମ ନିଜେ ବ୍ରାହ୍ମଣ ସନ୍ତାନ ହୋଇ ମଧ୍ୟ ହାତରେ ପରଶୁ କୁଠାର ଧରି ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ସର୍ବପ୍ରଥମେ ହତ୍ୟାକଲେ ସହସ୍ରାର୍ଜ୍ଜୁନଙ୍କୁ । ପରେ ପରେ ଏକବିଂଶବାର ବୁଲି ବୁଲି ସେ କ୍ଷତ୍ରିୟକୁଳ ଅଙ୍କୁରମାନଙ୍କୁ ନିପାତ କଲେ । ସମଗ୍ର ପୃଥିବୀ ବୀର କ୍ଷତ୍ରିୟମାନଙ୍କ ରକ୍ତରେ ଧୌତ ହଲା ।

ଭୃଗୁବଂଶର ଋଷି ଜମଦଗ୍ନି ଓ ରେଣୁକାଙ୍କ ଔରସରୁ ପର୍ଶୁରାମ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ପୂଜାପାଠ ଛାଡ଼ି ଧନୁଶର ଓ ପରଶୁ କୁଠାର ସାହାଯ୍ୟରେ ସେ ଯଦ୍ଧବିଦ୍ୟା ଶିକ୍ଷାକଲେ । ଏହି ସମୟର ମା’ ରେଣୁକାଙ୍କୁ ଚରିତ୍ର ସ୍ଖଳନ ଦୋଷରେ ଦୋଷୀ ସାବ୍ୟସ୍ତ କରି ଋଷି ଜମଦଗ୍ନି ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଦେଲେ । ଭୃଗୁପତି ପର୍ଶୁରାମ ପରଶୁ ଆଘାତରେ ମାଆଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରିଦେଲେ । ପିତା ବ୍ରହ୍ମଦଗ୍ନି ସନ୍ତୁଷ୍ଟ ହୋଇ ବର ଯାଚିଲେ । ମାଆଙ୍କୁ ପୂନର୍ଜୀବନ ଦେବା ପାଇଁ ପର୍ଶୁରାମ ବର ମାଗିଲେ । ଋଷି ଜମଦଗ୍ନି ସନ୍ତୁଷ୍ଟ ହୋଇ ରେଣୁକାଙ୍କୁ ଜୀବନ୍ୟାସ ମନ୍ତ୍ରପଢ଼ି ଜଳସିଞ୍ଚି ବଞ୍ଚାଇ ଦେଲେ । ତେବେ ମାତୃହତ୍ୟା କରିଥିବାରୁ ପାପଭାରରେ ପର୍ଶୁରାମଙ୍କ ପରଶୁ ତାଙ୍କ କାନ୍ଧରୁ ଉଠିଲା ନାହିଁ । ଏହା ଦେଖି ପିତା ଜମଦଗ୍ନି କହିଲେ ‘ଭାରତବର୍ଷର ସମସ୍ତ ତୀର୍ଥ ଦର୍ଶନ କରି ଜଳରେ ସ୍ନାନ କର । ତାପରେ କୈଳାସ ପର୍ବତକୁ ଯାଇ ଶିବ ପାର୍ବତୀଙ୍କ ନିକଟରେ ତପସ୍ୟା କର । ଶିବପାର୍ବତୀ ସନ୍ତୁଷ୍ଟ ହୋଇ ତୁମକୁ ପାପମୁକ୍ତ କରିବେ। ପିତାଙ୍କ ଆଦେଶ ପାଳନ କରି ପର୍ଶୁରାମ ଦୀର୍ଘଦିନ ତୀର୍ଥସ୍ଥାନ ପର୍ଯ୍ୟଟନ କରି କୈଳାସ ପର୍ବତରେ ତପସ୍ୟାରତ ହେଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହାଇ ଶିବପାର୍ବତୀ ତାଙ୍କୁ ବର ପ୍ରଦାନ କରି ପାପମୁକ୍ତ କଲେ । ଫଳରେ ତାଙ୍କ କାନ୍ଧରୁ ପରଶୁ କୁଠାର ଖସିଗଲା ।

ଅତ୍ୟାଚାରୀ କ୍ଷତ୍ରିୟମାନଙ୍କୁ ଉପଯୁକ୍ତ ଦଣ୍ଡ ଦେଇସାରିବା ପରେ ଆଉ ପର୍ଶୁରାମ ଅବତାରରେ କୌଣସି ଆବଶ୍ୟକତା ରହିଲା ନାହିଁ । ତେଣୁ ଭଗବାନ, ଶ୍ରୀରାମଚନ୍ଦ୍ର, ରୂପେ ଅଯୋଧ୍ୟା ରାଜପରିବାରରେ ଜନ୍ମଗ୍ରହଣ କଲେ । ଜନକ ରାଜକୁମାରୀ ସୀତାଙ୍କୁ ବିବାହ କରିବା ପାଇଁ ଶିବଧନୁ ଭାଙ୍ଗିବା ସମୟରେ ପର୍ଶୁରାମଙ୍କ ମିଥିଳାରେ ଆବିର୍ଭାବ ଘଟିଥିଲା । ଶ୍ରୀରାମଙ୍କ ମହିମା ଜାଣିନପାରି ପର୍ଶୁରାମ ତାଙ୍କୁ ଜଣେ ସାଧାରଣ କ୍ଷତ୍ରିୟ ସନ୍ତାନ ଭାବେ ମନେକରିଥିଲେ । ପର୍ଶୁରାମ ତାଙ୍କ ସହ ଯୁଦ୍ଧ ପାଇଁ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ । ପର୍ଶୁରାମ ତାଙ୍କ ସହ ଯୁଦ୍ଧ ପାଇଁ ଶ୍ରୀରାମଙ୍କୁ ଆମନ୍ତ୍ରଣ କଲେ । ପର୍ଶୁରାମ କହିଲେ – ‘ତୁମେ ତ ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଛ, ତେଣୁ ମୋ ଧନୁରେ ଶରସନଧାନ କରି ଦେଖାଅ ।’ ଭଗବାନ ଶ୍ରୀରାମଚନ୍ଦ୍ର ପର୍ଶୁରାମଙ୍କ ହାତରେ ଧନୁ ନେଇ ଅକ୍ଳେଶରେ ଶରସନ୍ଧାନ କଲେ । ଠିକ୍ ଏହି ସମୟରେ ଭଗବାନ ରାମଚନ୍ଦ୍ର ପର୍ଶୁରାମଙ୍କ ଶରୀରରୁ ବିଷ୍ଣୁକଳାର ତେଜ ହରଣ କଲେ । ସେହିଦିନଠାରୁ ପର୍ଶୁରାମ କ୍ଷତ୍ରିୟ ତେଜ ଓ କ୍ରୋଧ ତ୍ୟାଗ କରି ତପସ୍ୟାରେ ମନ ବଳାଇଲେ । ଦ୍ୱାପର ଯୁଗରେ ପର୍ଶୁରାମ ଭୀଷ୍ମ କର୍ଣ୍ଣଙ୍କ ଭଳି ମହାରଥୀଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଇଥିଲେ ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ପର୍ଶୁରାମ ଗୋତ୍ରୀ ବ୍ରାହ୍ମଣମାନେ ବସବାସ କରନ୍ତି । ସେମାନେ ଅଧିକାଂଶ ସମୟରେ ଭିକ୍ଷାନ୍ନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ତେବେ ସେମାନେ ସାଧାରଣ ଭିଉକ ବା ଯୋଗୀ ଭିକାରି ପରି ଭିକ୍ଷା ମାଗନ୍ତି ନାହିଁ । ଦୁଇଜଣ ଏକାଠି ଆସନ୍ତି । ଜଣେ ରାମ ବେଶରେ ଆଉ ଜଣେ ପର୍ଶୁରାମ ବେଶରେ ଆସନ୍ତି । ରାମଙ୍କ ହାତରେ ଥାଏ ଧନୁଶର ଓ ପର୍ଶୁରାମଙ୍କ ହାତରେ ଥାଏ ପରଶୁ କୁଠାର । ଗ୍ରାମର ବା ସାହିର ଦୁଇମୁଣ୍ଡରୁ ଦୁଇଜଣ ପ୍ରବେଶ କରନ୍ତି । ଯେଉଁଠାରେ ଭେଟ ହୁଏ ସେଠାରେ ଯୁଦ୍ଧର ଆହ୍ୱାନ ଭଳି ଅଭିନୟ କରନ୍ତି । ଦୁଇଜଣଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲେ । ଶେଷରେ ପର୍ଶୁରାମ ବେଶଧାରୀ ଭିକ୍ଷଉ ହାରିଯାଇ ଶ୍ରୀରାମ ବେଶଧାରୀ ଭିକ୍ଷୁଙ୍କ ନିକଟରେ ଶରଣ ପଶନ୍ତି । ଏହି ଦୃଶ୍ୟ ଦେଖିବାକୁ ବହୁଲୋକ ରୁଣ୍ଡ ହୁଅନ୍ତି । ସେମାନେ ରାମ ଓ ପର୍ଶୁରାମ ବେଶଧାରୀ ବ୍ରାହ୍ମଣଙ୍କୁ ଭିକ୍ଷା ଦିଅନ୍ତି । ଦୁଇଜଣଙ୍କ ହାତରେ ଲାଉ ତୁମ୍ବାର ପାତ୍ର ଥାଏ । ଏଥିରେ ସୁନ୍ଦର ଦଶାବତାର ଚିତ୍ର ଅଙ୍କିତ ହୋଇଥାଏ । ଦୁହେଁ ମୁଣ୍ଡରେ ଖିଡ଼୍‌କୀ ପାଗ ଓ ଚିତା ପୋଷାକ ପିନ୍ଧିଥାନ୍ତି । ପର୍ଶୁରାମଙ୍କ ଜଘଂରେ ଗୋଟିଏ ଘଣ୍ଟି ବନ୍ଧା ହୋଇଥାଏ । କଥିତ ଅଛି ପର୍ଶୁରାମ ପୃଥିବୀକୁ ଏକବିଂଶବାର କ୍ଷତ୍ରିୟଙ୍କୁ ନିପାତ କରିବା ସମୟରେ ଜାନୁରେ ଘଣ୍ଟି ବାନ୍ଧିଥିଲେ । ସେହି ଘଣ୍ଟିର ଶବ୍ଦ ଶୁଣିଲେ ଶତ୍ରୁମାନେ ଭୟରେ ଶିହରି ଉଠୁଥିଲେ । ତେଣୁ ତାଙ୍କୁ କୁହାଯାଉଥିଲା ଜାନୁଘଣ୍ଟ ପର୍ଶୁରାମ । ଏହି ପରମ୍ପରାର ଜାନୁଘଣ୍ଟ ପର୍ଶୁରାମ ଭିକ୍ଷୁକ କ୍ଷତ୍ରିୟୋଚିତ ସ୍ୱାଭିମାନ ନେଇ କାହାକୁ କିଛି ମାରନ୍ତି ନାହିଁ । କାହା ଦୁଆରେ ଛିଡ଼ା ହୁଅନ୍ତି ନାହିଁ । କାହାରି ଛାତ ତଳକୁ ଯାଆନ୍ତି ନାହିଁ । ଗାଁଗହଳରେ ଏମାନଙ୍କୁ କୁହାଯାଏ ଜାନୁଘଣ୍ଟିଆ ।

ଓଡ଼ିଶାର ଦକ୍ଷିଣାଞ୍ଚଳରେ ମାଆମାନେ ପୁତ୍ରର ଶୁଭକାମନ କରି ପର୍ଶୁରାମଷ୍ଟମୀ ବ୍ରତ ପାଳନ କରନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଘରେ ଅବସ୍ଥାନ କରୁଥିବା ସମୟରେ ଏହି ବ୍ରତ ପାଳନ କରଯାଏ । ଉପବାସ ରହି ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା କରାଯାଏ । ଚିରଞ୍ଜୀବୀ ପର୍ଶୁରାମ ଏବେ ମହେନ୍ଦ୍ରଗିରିରେ ଅବସ୍ଥାନ କରୁଛନ୍ତି ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ତେଣୁ କେହି କେହି ଆଷାଢ଼ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ମହେନ୍ଦ୍ରଗିରିକୁ ଯାଇ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରନ୍ତି ।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୮୯୫୨୯୬୧୬୭*

# ଅନାଥର ନାଥ କାଳିଆ ସାଆନ୍ତ



ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଟ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲ୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଟ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ ରେ ଏହା ବର୍ଣିତ ଅଛି,

‘କୌମାର ଆଚ଼ରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।‘

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ୱା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି । ‘ ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁ ର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।‘ ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚ଼ନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି । ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ । ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା । ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର ’ବିଶ୍ୱାସ’ ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା । ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ,ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ ସେ ଅନନ୍ତ,ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ , ସେ ନଶ୍ୱର,ନିରାକାର,ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ । ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ,ଜ୍ଞାନୀ ଗୁଣୀ , ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି ।ଏବେବି ଏହା ରହସ୍ୟମୟ ହୋଇରହିଛି ।

ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି । ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଷିତ ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ,ଶାନ୍ତି,ଅହିଂସା,ପ୍ରେମ ମୁକ୍ତି,ଆନନ୍ଦ, ସତ୍ୟ,ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା । ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ । ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ ।

ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ ।

ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ । ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଧିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଧିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର,ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚ,ନୀଚ୍ଚ, ବଡ଼ସାନର ଭେଦଭାବ । ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା ଝନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ଝକାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ। ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ୍ଚର ଭେଦଭାବ ନଥାଏ ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ । ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ,ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସ୍ନେହ, ପ୍ରେମ, ଭାତୃତ୍ୱ, ବଳିଦାନ,ଭଲପାଇବା, ମାନବିକତା,ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ। ଯେଉଁଠି ସ୍ୱାର୍ଥପର ଅହଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା,ଜନ୍ମଦାତ୍ରୀ ମାତା,ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ ।

*ଗୋପାଳପୁର,, ବାଲେଶ୍ୱର,,*
*ମୋବାଇଲ- ୭୦୨୦୬୧୧୩୦୦*

# ଭାବ ଭକ୍ତି ତାଳ ଲୟ ହୀନ ଆଜିର ସଂକୀର୍ତ୍ତନ



ପ୍ରଦୀପ୍ତ କୁମାର ଜେନା

ସଂକୀର୍ତ୍ତନ ଓ୍ କୀର୍ତ୍ତନ ଏ ଦୁଇଟି ଶବ୍ଦର ଅର୍ଥ ସମାନ ନୁହେଁ । ଭାବ ଭକ୍ତି, ପ୍ରେମ ଓ ଏକାଗ୍ରତାର ସହିତ ଭଗବାନଙ୍କ ନାମ କୀର୍ତ୍ତନ କରିବା କୁ କୀର୍ତ୍ତନ କୁହାଯାଏ । ଏଥିରେ ଏକାଧିକ ଲୋକ କିମ୍ବା କୌଣସି ବାଦ୍ୟଯନ୍ତ୍ରର ଆବଶ୍ୟକତା ନଥାଏ । ବ୍ୟକ୍ତି ନିଜ ଘରେ ଏକା‘ ବା ନିରୋଳା ସ୍ଥାନରେ ବସି ଭକ୍ତି ଓ ପ୍ରେମରେ ଭଗବାନଙ୍କୁ ଭଜନ କରେ ବା ତାଙ୍କର ଗୁଣ କୀର୍ତ୍ତନ କରିଥାଏ । ଯେତେବେଳେ ଅନେକ ଭକ୍ତ ମେଳି ହୋଇ ବାଦ୍ୟଯନ୍ତ୍ର ସାହାଯ୍ୟରେ କୌଣସି ଏକ ସର୍ବସାଧାରଣ ସ୍ଥାନରେ ଭାବ ଭକ୍ତି ତାଳ, ଲୟ ଓ ପ୍ରେମରେ ତଲ୍ଲୀନ ହୋଇ ଉଚ୍ଚ ସ୍ୱରରେ ଭଗବାନଙ୍କ ଗୁଣ କୀର୍ତ୍ତନ କରିଥା’ନ୍ତି ତାକୁ ସଂକୀର୍ତନ କୁହାଯାଏ । ସଂକୀର୍ତ୍ତନ ଏକ ଲୋକକଳା ବା ପାରମ୍ପରିକ କଳା । କେଉଁ ଆବହମାନ କାଳରୁ ଭାରତ ଭୂଖଣ୍ଡରେ ପ୍ରଚଳିତ ହୋଇ ଆସୁଅଛି । ବୈଦିକ ଯୁଗରୁ ବିଷ୍ଣୁ ଉପାସନା ପ୍ରଥା ପ୍ରଚଳିତ । ବିଷ୍ଣୁ ଉପସକମାନଙ୍କୁ ବୈଷ୍ଣବ କୁହାଯାଏ । ବୈଷ୍ଣବ ଧର୍ମ ସହିତ ସଂକୀର୍ତ୍ତନର ସମ୍ପର୍କ ଥିବାର ଜଣାଯାଏ । ଜଗନ୍ନାଥ ମନ୍ଦିର ସହିତ ସଂକୀର୍ତ୍ତନର ସମ୍ପର୍କ ଥିବାର କଥା ଐତିହାସିକ ମାନେ ଅନୁମାନ କରି’ନ୍ତି । ଖ୍ରୀଷ୍ଟପୁର୍ବ ଷଷ୍ଠ ଶତାବ୍ଦୀ ବେଳକୁ କଳି ସ’ରଣ ଉପନିଷଦରେ ବ୍ୟାସଦେବ ମହାମନ୍ତ୍ର ଯଥା– ’ହରେ ରାମ ହରେ ରାମ ରାମ ରାମ ହରେ ହରେ, ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ’ କଥା ବର୍ଣନା କରି’ଛନ୍ତି । ବିଶେଷ କରି କଳିଯୁଗ ଆରମ୍ଭରୁ ପୃଥିବୀରେ ନାମ ସଂକୀର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଉଛି କହିଲେ ଭୁଲ ହେବ ନାହିଁ । ଯେଉଁ ସ୍ଥାନରେ ଭଗବାନଙ୍କ ଗୁଣ କୀର୍ତ୍ତନ ହେଉଥାଏ ବା ସତ୍‌ସଙ୍ଗ ହେଉଥାଏ ଭଗବାନ ସେଇଠାରେ ଉପସ୍ଥିତ ଥା’ନ୍ତି ବୋଲି କୁହାଯାଏ । ଦିନେ ନାରଦ ମହର୍ଷି ଭଗବାନଙ୍କୁ ପଚାରିଲେ, ‘କହିଲେ ପ୍ରଭୁ ମର୍ତ୍ତ୍ୟରେ ଏ ଯେଉଁ ସତସଙ୍ଗ ହେଉଛି ସେ କ’ଣ ?‘ ଭଗବାନ କହିଲେ, ‘ନାହାଂ ତିଷ୍ଠାମୀ ବୈକୁଣ୍ଠେ ଯୋଗୀନାଂ ହୃଦୟେ ନ ଚ ମଦଭକ୍ତା ଯତ୍ର ଗାୟ‘ୀ ତତ୍ର ତିଷ୍ଠାମୀ ନାରଦ ।‘ ହେ ନାରଦ ! ଯେତେବେଳେ ମର୍ତ୍ତ୍ୟରେ ମୋର ଗୁଣ କୀର୍ତ୍ତନ ଭକ୍ତି ଓ ପ୍ରେମରେ ହେଉଥାଏ ସେତେବେଳେ ମୁଁ ବୈକୁଣ୍ଠରେ କିମ୍ୱା ଯୋଗୀମାନଙ୍କ ହୃଦୟରେ ନରହି ଗୁଣ କୀର୍ତ୍ତନ ହେବା ସ୍ଥାନରେ ରହିଥାଏ ।‘ ଆମର ସନାତନୀ ସଂସ୍କୃତି ବା ଆମ ଧର୍ମଶାସ୍ତ୍ର ଏପରିକି ସଂସ୍କୃତ ଭାଗବତଂ ରାମ ଚରିତ ମାନସ ଏବଂ ଚୈତନ୍ୟ ଚରିତାମୃତ ଆଦିରେ ଭଗବାନଙ୍କ ସାନିଧ ଲାଭ କରିବା ପାଇଁ ନଅ ଗୋଟି ମାର୍ଗ ବା ନବଧା ଭକ୍ତି କଥା ଉଲ୍ଲେଖ ଅଛି । ସେଗୁଡିକ ହେଲା ଶ୍ରବଣମ୍ କୀର୍ତ୍ତନଂ ବିଷ୍ଣୋ ସ୍ମରଣମ ପଦସେବନଂ ଅର୍ଚନଂ ବନ୍ଦନଂ ଦାସ୍ୟ ସାକ୍ଷ ଆତ୍ମନିବେଦନାମ । ଏହି ନଅ ଗୋଟି ମାର୍ଗ ମଧ୍ୟରୁ ଭକ୍ତ ଯେ କୌଣସି ଗୋଟିଏ ମାର୍ଗକୁ ଅନୁସରଣ କରି ଭଗବାନଙ୍କ ସାନ୍ନିଧ ଲାଭ କରିପାରିବ । ଭଗବାନଙ୍କୁ ପାଇବାକୁ ହେଲେ ସଂକୀର୍ତ୍ତନ ହିଁ ନବଧା ଭକ୍ତିର ଦ୍ୱିତୀୟ ସୋପାନ । ସତ୍ୟଯୁଗ, ଦ୍ୱାପର ଓ ତ୍ରେତୟାରେ ଲୋକମାନଙ୍କ ଆୟୁଷ ଲକ୍ଷ ଲକ୍ଷ ବର୍ଷ ବୋଲି କୁହାଯାଏ । ସେଥିପାଇଁ ଭକ୍ତମାନେ ଯୋଗ ତପସ୍ୟା ଧ୍ୟାନ ଧାରଣା ବଳରେ ଭଗବାନଙ୍କୁ ପାଇବାକୁ ଚେଷ୍ଟ କରୁଥିଲେ । ମାତ୍ର କଳିଯୁଗରେ ଅଳ୍ପାୟୁଷ ମଣିଷ ପକ୍ଷେ ଯୋଗ ତପସ୍ୟା ମାଧ୍ୟମରେ ଭଗବାନଙ୍କ ସାନିଧ ଲାଭ କରିବା ସମ୍ଭବ ନଥିବାରୁ ଭକ୍ତି ମାଧ୍ୟମରେ ଭଗବାନଙ୍କୁ ପାଇବାକୁ ସହଜ ବୋଲି କୁହାଯାଏ । ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଅର୍ଜୁନଙ୍କୁ ଭକ୍ତିମାର୍ଗକୁ ଶ୍ରେଷ୍ଠ ମାର୍ଗ ବୋଲି କହି’ଛନ୍ତି । ତାଙ୍କ ମତରେ ଜ୍ଞାନ ମାର୍ଗରେ ମୋତେ ପାଇବା ବହୁତ କଠିନ ସେଥିପାଇଁ ଅର୍ଜୁନଙ୍କୁ ତାଙ୍କର ଭକ୍ତ ହେବା ପାଇଁ ଉପଦେଶ ଦେଇଛ’ନ୍ତି । କହିବାକୁ ଗଲେ ଶ୍ରୀଚୈତନ୍ୟ ଦେବଙ୍କ ଆଗମନ ପରେ ଅର୍ଥାତ ଷୋଡଶ ଖ୍ରୀଷ୍ଟାବ୍ଦ ପ୍ରଥମାର୍ଦ୍ଧରେ ସଂକୀର୍ତ୍ତନର ବହୁଳ ପ୍ରଚାର ଓ ପ୍ରସାର ଓଡିଶା ସମେତ ଭାରତର ଅନେକ ରାଜ୍ୟରେ ହୋଇଥିଲା । ଚୈତନ୍ୟ ଦେବଙ୍କ ଆଗମନର ବହୁ ପୂର୍ବରୁ ସଂକୀର୍ତନ ଓଡିଶା ଭୂଖଣ୍ଡରେ ପ୍ରଚଳିତ ହୋଇ ଆସୁଥିଲା । ଚୈତନ୍ୟ ଦେବ ଭଗବାନ କୃଷ୍ଣଙ୍କୁ ପରଂବ୍ରହ୍ମ ଭାବରେ ବିବେଚନା କରି ପ୍ରେମ ଓ ଭକ୍ତି ମାଧ୍ୟମରେ ତାଙ୍କୁ ପାଇପାରିବା ବୋଲି ବୁଲି ବୁଲି ପ୍ରଚାର କରିଥିଲେ । ସେ କହୁଥିଲେ ଅଳ୍ପାୟୁଷ ମାନବ ପକ୍ଷରେ ଯୋଗ ତପସ୍ୟା ପରିବର୍ତ୍ତେ ପ୍ରେମ ଓ ଭକ୍ତି ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ ମାଧ୍ୟମରେ ଭଗବାନଙ୍କୁ ପାଇବା ସହଜ । କୁହାଯାଏ–

‘ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍ ।
କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିର୍ନ୍ୟଥା ।‘

ଚୈତନ୍ୟଦେବ ୧୫୧୦ ଖ୍ରୀଷ୍ଟାବ୍ଦରେ ଓଡିଶାରେ ପହଞ୍ଚି କୃଷ୍ଣ ଭକ୍ତିରେ ତାଲ୍ଲୀନ ହୋଇ ଖୋଳ କରତାଳ ଧରି ସଂକୀର୍ତ୍ତନରେ ମଜ୍ଜି ଯାଇଥିଲେ । ଚୈତନ୍ୟଦେବ ଚୌଦ୍ୱାରରୁ ନଦୀ ପାର ହୋଇ ଆସି ପ୍ରଥମେ କଟକ ଗଡ଼ଗାଡ଼ିଆ ଘାଟରେ ପହଞ୍ଚି ଥିଲେ । ସେଠାରେ ତାଙ୍କୁ ତତ୍କାଳୀନ ଗଜପତି ପ୍ରତାପରୁଦ୍ର ଦେବଙ୍କ ନିର୍ଦେଶରେ କଟକ ସହର ଓ ପାଖାପାଖି ଅଞ୍ଚଳର ଥିବା ୭୨ ଟି ସଂକୀର୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ଭାବ ବିହ୍ୱଳ ହୋଇ ନଦୀ ବାଲିରେ ଗଡି ଯାଇଥିଲେ । ସେହି ସ୍ଥାନଟି ଆଜି ପର୍ଯ୍ୟ‘ ଲୋକ ମୁଖରେ ଗଡ଼ଗଡ଼ିଆ ଘାଟ ନାମରେ ପ୍ରଚଳିତ ଅଛି । ତାଙ୍କ ସଂକୀର୍ତ୍ତନର ଆକର୍ଷଣ ତଥା ଭାବଭକ୍ତି ତାଳ ଓ ଲୟରେ ଆକର୍ଷିତ ହୋଇ ଗଜପତି ପ୍ରତାପରୁଦ୍ର ଦେବ ସଂହାସନର ମୋହକୁ ପରିତ୍ୟାଗ କରି ଚୈତନ୍ୟ ଦେବଙ୍କ ସହିତ ସଂକୀର୍ତ୍ତନରେ ନିଜକୁ ହଜାଇଦେଇଥିଲେ । ଚୈତନ୍ୟ ଦେବ ନଦୀୟା ନବଦ୍ୱୀପରୁ ଆସିଥିବାରୁ କେତେକ ଏହାକୁ ନଦିଆ କୀର୍ତ୍ତନ ବୋଲି କହିଥା’ନ୍ତି । ତାଙ୍କ ଆଗମନରେ ଓଡ଼ିଶାରେ ଗୌଦୀୟ ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର ହୋଇଥିଲା । ପୂର୍ବରୁ ଓଡ଼ିଶାରେ ଥିବା ବୈଷ୍ଣବମାନଙ୍କୁ ଉତ୍କଳୀୟ ବୈଷ୍ଣବ କୁହାଯାଉଥିଲା । ଚୈତନ୍ୟଦେବ ପୂର୍ବ ପ୍ରଚଳିତ ମହାମନ୍ତ୍ରକୁ ଓଲଟାଇ ପ୍ରଥମେ କୃଷ୍ଣ ଶବ୍ଦକୁ ବ୍ୟବହାର କରିଥିଲେ ଯଥା ‘ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ ।‘ ଚୈତନ୍ୟ ଦେବଙ୍କ ପରେ ଉନବିଂଶ ଶତାବ୍ଦୀ ବେଳକୁ ତାଙ୍କର ଶିଷ୍ୟ ରାଧାରମଣ ଦେବ ଓଡ଼ିଶାରେ ‘ଜପ ହରେ କୃଷ୍ଣ ହରେ ରାମ ଭଜ ନିତାଇ ଗୌର ରାଧେଶ୍ୟମ‘ ମନ୍ତ୍ରକୁ ଗାନ କରିବାକୁ କହିଲେ । ସେହି ଧାରା ବା ପରମ୍ପରା ଓଡ଼ିଶାର ଅନେକ ସ୍ଥାନରେ ଏବେବି ବଞ୍ଚି ରହିଛି । ଏହାପରେ ନାମାଚାର୍ଯ୍ୟ ବାୟାବାବା ଓଡ଼ିଶାରେ କଳ୍ପତରୁ ସେବା ସଂଗଠନ ଗଠନ କରି ଅଖଣ୍ଡ ନାମ କୀର୍ତ୍ତନକୁ ପ୍ରୋତ୍ସାହନ ଦେଇଥିଲେ ତାଙ୍କ ପରେ ଭକ୍ତିବେଦା‘ ସ୍ୱାମୀ ପ୍ରଭୁପାଦ ପୃଥିବୀର ଭିଭିନ୍ନ ଦେଶରେ ଦୁଇଶହରୁ ଅଧିକ ମଠ ମନ୍ଦିର ସ୍ଥାପନ କରି ସଂକୀର୍ତ୍ତନର ପ୍ରଚାର ପ୍ରସାର କରିଥିଲେ । ଭାବ ଭକ୍ତି ପ୍ରେମ ଏକାଗ୍ରତା ଓ ସମର୍ପଣ ଭାବ ଶାସ୍ତ୍ରୀୟ ତାଳ ଲୟ ହିଁ ସଂକୀର୍ତ୍ତନର ମୂଳ ମନ୍ତ୍ର । ସଂକୀର୍ତନ ମଣ୍ଡଳୀର ସମସ୍ତ ସଦସ୍ୟ ନିଜର ମନ ସମେତ ଏକାଦଶ ଇନ୍ଦ୍ରୀୟମାନଙ୍କୁ ଭଗବାନଙ୍କ ପାଦପଦ୍ମରେ କେନ୍ଦ୍ରୀଭୂତ କରି ଭକ୍ତି ପ୍ରେମ ଓ ସମର୍ପଣର ସହିତ ଭଗବାନଙ୍କ ନାମ ସଂକୀର୍ତ୍ତନ କଲେ । ତାହା ଏକ ଅଧ୍ୟତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ରାସ୍ତାରେ ଯିବା ଲୋକ ଭକ୍ତିରେ ତଲ୍ଲିନ୍ନ ହୋଇ କୀର୍ତ୍ତନ ମଣ୍ଡଳୀ ସହିତ ନାଚିବାକୁ ଆରମ୍ଭ କଲେ । ଭାବରୁ ଭକ୍ତି, ଭାବ ନଥିଲେ ଭକ୍ତି ଆସିବନି । ଭକ୍ତିରୁ ଭାଗବତ ପ୍ରାପ୍ତି ସହଜ ହୋଇଥାଏ । ଭଗବାନଙ୍କ ନାମ ସଂକୀର୍ତ୍ତନ ପରିବେଶ ଉପରେ ଏକ ସାକାରାତ୍ମକ ପ୍ରଭାବ ସୃଷ୍ଟି କରିବା ସହିତ ନାମ ନେଉଥିବା ବ୍ୟକ୍ତିର ଅ’ର୍ନିହିତ ପ୍ରଦେଶରେ ଏକ ଅଧ୍ୟତ୍ମିକ ଭାବନା ସୃଷ୍ଟି କରିଥାଏ । ଆଜି ସଂକୀର୍ତନ ସଂସ୍କୃତି ଅବକ୍ଷୟ ମୁଖୀ । ଶିକ୍ଷିତ ଯୁବ ପିଢ଼ି ସଂକୀର୍ତ୍ତନ କଳାକୁ ଶିକ୍ଷା କରିବା ପାଇଁ ଆଗ୍ରହୀ ନୁହ’ନ୍ତି । ଏପରିକି ତା’ ନିକଟରେ ସମୟର ଅଭାବ । ଆଜିର ଏହି ବସ୍ତୁବାଦୀ ଦୁନିଆରେ ମଣିଷ ଏତେ ସ୍ୱାର୍ଥପର ହେଇଯାଇଛି, ତାକୁ କେବଳ ଅର୍ଥ ଓ କ୍ଷମତାର ନିଶା ଘାରିଛି । ଈଶ୍ୱରଙ୍କ ଅବସ୍ଥିତି ସମ୍ପର୍କରେ ତା’ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ସେ ବା କାହିଁକି ସମୟ ନଷ୍ଟ କରି ସଂକୀର୍ତ୍ତନ କଳାକୁ ଶିକ୍ଷା କରିବ । କିଛି ବର୍ଷ ତଳକୁ ଗଲେ ଆମେ ଦେଖିବା ପ୍ରତ୍ୟେକ ସାହିରେ ବସ୍ତିରେ ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ରହିଥିଲା । କାରଣ ସଂକୀର୍ତ୍ତନ ଆମ ସଂସ୍କୃତିର ଏକ ବିଶିଷ୍ଟ ଅଙ୍ଗ କହିଲେ ଭୁଲ ହେବ ନାହିଁ । ଆସ୍ତେ ଆସ୍ତେ ଏହି ଲୋକକଳା ଲୋପ ପାଇବାକୁ ବସିଲାଣି । ଯେଉଁଠାରେ ସଂକୀର୍ତନ ମଣ୍ଡଳୀ ଅଛି, ସେମାନେ କୌଣସି ଅଷ୍ଟପ୍ରହରୀକୁ ଯିବାପାଇଁ ମୋଟା ଅଙ୍କରେ ପଇସା ଦାବି କରୁଛନ୍ତି । ସଂକୀର୍ତ୍ତନକୁ ବ୍ୟବସାୟୀ କରଣ କରାଗଲାଣି । ସଂକୀର୍ତ୍ତନରେ ତାଳ, ଲୟ, ଭକ୍ତି କି ଭାବ ନାହିଁ । ବିଡ଼ମ୍ବନାର ବିଷୟ ଏବେ କିଛି ମହିଳା ମନେ ଗୋଟିଏ ଲେଖା ସଂଗଠନ କରି ପଇସା ରୋଜଗାର କରିବାର ମାନସିକତା ନେଇ ସଂକୀର୍ତ୍ତନ କରୁଥିବାର ଦେଖାଯାଉଛି । ସେମାନଙ୍କ ଅଙ୍ଗ ଭଙ୍ଗୀ ଦେଖିଲେ ଆଧୁନିକ ଡିସ୍କୋ ନାଚ ଭଳି ମନେ ହେଉଛି । ସେମାନେ ବିଭିନ୍ନ ସିନେମା ଗୀତ ସ୍ୱରରେ ସଂକୀର୍ତ୍ତନ କରୁଛ’ନ୍ତି । ସେଥିରେ ଅଶ୍ଳିଳତାର ଛାପ ଦେଖା ଯାଉଛି । ହରେ କୃଷ୍ଣ ହରେ ନାମ ଭଳି ମହାମନ୍ତ୍ରକୁ ସିନେମା ଗୀତ ସ୍ୱରରେ ବୋଲିବା ଫଳରେ ଗାଁ ଟୋକା ମାନଙ୍କ ଭିଡ଼ ଜମୁଛି । ଭଗବାନଙ୍କ ନାମ କୀର୍ତ୍ତନ ଶୁଣିବା ପାଇଁ ଆସିବା ପରିବର୍ତ୍ତେ କେବଳ ଝିଅ ମାନଙ୍କ ଅଙ୍ଗ ଭଙ୍ଗୀ ଦେଖିବାକୁ ଭିଡ଼ ଜମୁଛି । ବାସ୍ତବରେ କହିବାକୁ ଗଲେ ଆଜି ସଂକୀର୍ତନ କଳା କଳୁଷିତ ହୋଇଗଲାଣି । ଆସ୍ତେ ଆସ୍ତେ ଅପସଂସ୍କୃତି ଆମ ସଂସ୍କୃତିକୁ ଗ୍ରାସ କରିବାକୁ ବସିଲାଣି । ପ୍ରେମ ଭକ୍ତି ଏକାଗ୍ରତା ଓ ସମର୍ପଣ ଭାବ ଆଜି ସଂକୀର୍ତ୍ତନ ଭିତରେ ନାହିଁ । ହରିନାମ କରିବା ସମୟରେ ଯେଉଁ ପବିତ୍ରତା ଓ ସାତ୍ତ୍ୱିକ ଭାବ ରହିବା କଥା ତାହା ରହୁନାହିଁ । ଅନେକ ସ୍ଥାନରେ ସଂକୀର୍ତ୍ତନ ସମୟରେ ସଂକୀର୍ତ୍ତନ ମଣ୍ଡଳୀର କିଛି ସଦସ୍ୟ ମଦ୍ୟପନ କରି ଆସୁଥିବାର ଦେଖା ଯାଉଛି । ଭକ୍ତି ଓ ଭାବ ତାଳ ଲୟ ନଥାଇ ସଂକୀର୍ତ୍ତନ ମୂଲ୍ୟହୀନ । ମୂଳ ଲକ୍ଷଠାରୁ ସଂକୀର୍ତନ କଳା ଦୂରେଇଯାଉଛି । ସେଥିପାଇଁ ଆଜିର ଯୁବ ପିଢ଼ି ମନରେ ଅଧ୍ୟତ୍ମିକ ଭାବ ସୃଷ୍ଟି ହୋଇପାରୁନାହିଁ । ସଂକୀର୍ତ୍ତନ କଳା ନ ବଞ୍ଚିଲେ ଆମ ସଂସ୍କୃତି ନଷ୍ଟ ହୋଇଯିବ । ତେଣୁ ଯେଉଁ ସଂକୀର୍ତ୍ତନ ଗୁରୁମାନେ ଜୀବିତ ଅଛନ୍ତି ସେମାନେ ଶାସ୍ତ୍ରୀୟ ନିତି ଅନୁଯାୟୀ ଖୋଳ ବାଦ୍ୟକୁ ପିଲାମାନଙ୍କୁ ଶିକ୍ଷା ଦେବାକୁ ପ୍ରୟାସ କରିବା ଉଚିତ ଓ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ଏ ଦିଗରେ ଆଗକୁ ଆସି ଚେଷ୍ଟା ଜାରି ରଖିବା ଉଚିତ, ନାହିଁତ କିଛି ବର୍ଷ ପରେ ଅଷ୍ଟପ୍ରହର ନାମ ଯଜ୍ଞ ଓଡ଼ିଶାର ଅନେକ ଅଂଚଳରୁ ଲୋପ ପାଇଯିବ । ସଂକୀର୍ତ୍ତନକୁ ବଞ୍ଚାଇ ରଖିବା ପାଇଁ କଟକ ସହରରେ ଯେଉଁ ଭଳି ପ୍ରୟାସ ଜାରି ରହିଛି ସେହି ପ୍ରକାର ପ୍ରଚେଷ୍ଟା ଅନ୍ୟ ସହର ଓ ଗ୍ରାମାଞ୍ଚଳ ଗୁଡିକରେ ରହିଲେ ଏହି ଲୋକ କଳା ବଞ୍ଚିରହିବ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*ମୋ : ୮୨୪୯୨୮୧୫୬୭*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

## ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସ୍ୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'୍ତୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଂଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟେ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'ାଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।





2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ

Bhubaneswar Thursday July 11, 2024 | ଭୁବନେଶ୍ୱର ଗୁରୁବାର, ଜୁଲାଇ ୧୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## ଅଷ୍ଟ୍ରେଲିଆର ରାଜଧାନୀ କାନବେରାଠାରେ ରଥଯାତ୍ରା ଆୟୋଜନ



କାନବେରା,(ପି.ଏନ): ଅଷ୍ଟ୍ରେଲିଆର ରାଜଧାନୀ କାନବେରାଠାରେ ଶ୍ରୀ ଜଗନ୍ନାଥଙ୍କର ଚତୁର୍ଦ୍ଦଶତମ ପବିତ୍ର ରଥଯାତ୍ରା ପର୍ବ ଭକ୍ତିପୂତ ବାତାବରଣ ଓ ଆଧାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଇଛି ।ଏହି ମହୋତ୍ସବ ଉପଲକ୍ଷେ ଚତୁର୍ଦ୍ଧା ମୂର୍ତ୍ତି ବିରାଜମାନ କରୁଥିବା ହିନ୍ଦୁ ମନ୍ଦିର ଓ ସଂସ୍କୃତିକ କେନ୍ଦ୍ରକୁ ଖୁବ ସୁନ୍ଦର ଢଙ୍ଗରେ ସଜାଯାଇଥିବା ଦେଖା ଯାଇଥିଲା । ବଡ଼ି ଭୋରରୁ ଏଠାରେ ଚାରି ଦିଅଁଙ୍କ ସମ୍ମୁଖରେ ଅଷ୍ଟ୍ରେଲିଆର ରଥଯାତ୍ରା ଇତିହାସରେ ପ୍ରଥମ ଥର ପାଇଁ ମଙ୍ଗଳ ଆରତୀ ଏବଂ ସଂକଳ୍ପ ପୂଜା ତିନି ପୂଜକ ଯଥା ଆଚାର୍ଯ୍ୟ ପ୍ରକାଶ ପାଣ୍ଡେ, ପଣ୍ଡିତ ପ୍ରଦୀପ ଭଟ୍ଟ ଏବଂ ପଣ୍ଡିତ ଅନୁପ ଜାନୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା ।ଏଠାରେ ଭକ୍ତ ଓ ଭଗବାନଙ୍କର ମହାମିଳନର ଏହି ମହାନ ପାର୍ବଣରେ ଉପସ୍ଥିତ ପ୍ରାୟ ୨୦୦୦ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା । ଚଳିତ ବର୍ଷର ଘୋଷ ଯାତ୍ରାରେ କାନବେରାର ଅଧିବାସୀଙ୍କ ସମେତ ସୁଦୂର ସିଡ଼ିନୀ, ମେଲବର୍ଣ୍ଣ, ବ୍ରିଶବ୍ରେନ, ରୁରାଲ ନିଉ ସାଉଥ ୱେଲ ଏବଂ ଅଷ୍ଟ୍ରେଲିଆର ଅନ୍ୟାନ୍ୟ ଇଲାକାରୁ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ମାନେ, ସେମାନଙ୍କର ପରିବାର ବର୍ଗ ଓ ପରିଜନ ସହିତ ଆସି ସାମିଲ ହୋଇଥିବାର ଦେଖା ଯାଇଥିଲା । ସକାଳ ୧୦ଟା ସମୟରେ ଦିଅଁମାନଙ୍କର ପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ପ୍ରଥମେ ପ୍ରଭୁ ସୁଦର୍ଶନ, ତାପରେ ବଡ଼ଭାଇ ବଳଭଦ୍ର,ପରେ ପରେ ଦେବୀ ସୁଭଦ୍ରା ଓ ସବା ଶେଷରେ ଜଗତର ନାଥ ଜଗନ୍ନାଥଙ୍କୁ ରୋଷଣୀ କରାଯାଇ ଚାରି ମିଟର ଉଚ୍ଚତା ବିଶିଷ୍ଟ ସୁନ୍ଦର, ସୁଶୋଭିତ ଓ ସୁସଜ୍ଜିତ ରଥ ଉପରକୁ ନିଆ ଯାଇଥିଲା ।ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀ ସହ ଭଜନ, କୀର୍ତ୍ତନର ମଦ୍ୟୁମନ୍ଦ ନାଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା । ଏଠାରେ ମହିଳାମାନେ ହାତରେ ନଚାଇ ନଚାଇ ଦେବୀ ସୁଭଦ୍ରାଙ୍କୁ ରଥ ଉପରକୁ ନେଉଥିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା ।ହିନ୍ଦୁ ସମ୍ପ୍ରଦାୟର ବରିଷ୍ଠ ନେତା କାନ୍ତି ଜିନ୍ନା, ପ୍ରକାଶ ମେହେଟ୍ଟା ଓ ବାସୁ ବାଙ୍କା ପାରମ୍ପାରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ ।ଏହାପରେ ଦିନ ୧୧ଟାରେ ରଥ ଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା ।ଫ୍ଲୋରେର ରାଜରାସ୍ତାରେ ରାଜକୀୟ ଠାଣିରେ ଭକ୍ତ ମାନଙ୍କ ଗହଣରେ ଗଡି ଚାଲିଥିବା ଅନନ୍ୟ ଓ ଅପରୂପ ରଥଟିକୁ ୩ କିଲୋମିଟର ପର୍ଯ୍ୟନ୍ତ ଭକ୍ତମାନେ ଟାଣି ନେଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଆଣିଥିଲେ ।ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆନ କ୍ୟାପିଟାଲ ଟେରୀଟୋରି (ଏ ସି ଟି) କାନବେରାରର ମୁଖ୍ୟମନ୍ତ୍ରୀଙ୍କର ପ୍ରତିନିଧି ବହୁବିଧ ସାଂସ୍କୃତିକ ମନ୍ତ୍ରୀ ମାଇକେଲ ପେଟରସନ, ଚାନସ୍ୱରୀର ମୁଖ୍ୟ ଯୋଗେନ୍ଦ୍ର ସିଂହ, ଏସିଟି ବିଧାନସଭାରେ ବିରୋଧୀ ଦଳର ନେତା ଏଲିଯାବେଥ ଲୀ, ଏସିଟି ବିଧାନସଭାର ସଦସ୍ୟବୃନ୍ଦ ଜୋ କ୍ଲେ, ଆଣ୍ଡ୍ରିୟୁ ବ୍ରାଡୋକ ଏବଂ କାନବେରା ସ୍ଥିତ ଓଡ଼ିଆ ସମ୍ପ୍ରଦାୟର ମୁଖ୍ୟ ରୋଜାଲୀନ ରାଉତ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।ଏହି ଅବସରରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ମଧ୍ୟରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ସୁମଧୁର ଭଜନ ଗାୟନ, ଦ୍ୱେଶ୍ରୀ ଦାସଙ୍କର ନେତୃତ୍ୱରେ ନୃତ୍ୟଶ୍ରୀ ନୃତ୍ୟ ଏକାଡେମୀର କଳାକାର ଏବଂ ଅରୁଣ ନାୟକ ଓ ଗ୍ରୁପଙ୍କ ଦ୍ୱାରା ପରିବେଷିତ ହୃଦୟ ସ୍ପର୍ଶୀ ଓଡିଶୀ ନୃତ୍ୟ ସାମିଲ ଥିଲା । ମହାପ୍ରଭୁଙ୍କର ଆଶୀର୍ବାଦ କ୍ରମେ ସମଗ୍ର ଘୋଷ ଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରିବାରେ ହିନ୍ଦୁ ମନ୍ଦିର ଓ ସାଂସ୍କୃତିକ କେନ୍ଦ୍ରର ସଭାପତି ଲାଖନ ଶର୍ମା , ଉପସଭାପତି ତରୁଣ ଅଗସ୍ତି, ପବ୍ଲିକ ଅଫିସର ସନ୍ତୋଷ ଗୁପ୍ତା, ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ମନୋଜ ନାୟକ, ପୂର୍ବତନ ସଭାପତି ଡ଼ଃ ନଳିନୀ ପତି ଏବଂ ସୁଜୀତ ଜେନା , ଅଷ୍ଟ୍ରେଲିଆର ହିନ୍ଦୁ ପରିଷଦର ଏସିଟି ଅଧ୍ୟାୟର ସଭାପତି ଶାନ୍ତି ରେଡ୍ଡୀ ଏବଂ ଅଷ୍ଟ୍ରେଲିଆ ହିନ୍ଦୁ ପରିଷଦ ର ପୂର୍ବତନ ସଭାପତି ପ୍ରକାଶ ମେହେଟ୍ଟା ଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା ।ଚଳିତ ବର୍ଷର ରଥଯାତ୍ରା ମହୋତ୍ସବକୁ ବିପୁଳଭାବେ ସଫଳ କରାଇବାରେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟର ପ୍ରତିନିଧିଗଣ, ପ୍ରବାସୀ ଓଡ଼ିଆ ନେତୃବୃନ୍ଦ, ପ୍ରମୁଖ ସମ୍ପ୍ରଦାୟ ସଙ୍ଗଠନ ଯଥା କସମଗ ଓର, ଇଣ୍ଟେଗ୍ରେଟେଡ଼ କଲଚର ଏସିଟିର କର୍ମକର୍ତ୍ତାଗଣ, ଅଗ୍ରଣୀ ବ୍ୟବସାୟିକ ଅନୁଷ୍ଠାନ ଯଥା ସନୀ ହୋମସ,ସାଇନ ଆଣ୍ଡ ରାଇଜ, ଅସି ହୋମ ଲୋନ ଏବଂ ଦେଶୀ ବଜାର ପ୍ରମୁଖଙ୍କର ସାହାଯ୍ୟ ସହଯୋଗ ମହତ୍ୱପୂର୍ଣ୍ଣ ଥିଲା ।

## ପାରଳାଖେମୁଣ୍ଡି ଷ୍ଟେଟ ବ୍ୟାଙ୍କର ତାରିଖ ନୀରୁପଣ ଯନ୍ତ୍ର ଅଚଳ, ଗ୍ରାହକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ




ପାରଳାଖେମୁଣ୍ଡି,(ପି.ଏନ): ଗଜପତି ପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖାରେ ତାରିଖ ନୀରୁପଣ ଯନ୍ତ୍ର ଖରାପ ଯୋଗୁଁ ଗ୍ରାହକମାନେ ବିଭିନ୍ନ ଭାବେ ହଇରାଣ ହେଉଛନ୍ତି । ଏଠାରେ ପାସ ବୁକ୍ ପ୍ରିଣ୍ଟ ହେଉନାହିଁ କି ଫୋନ ଯୋଗେ ମେସେଜ ଆସୁନହିଁ । ବ୍ୟାଙ୍କ ଆସି ଗ୍ରାହକ ମାନେ ନିରାଶ ହୋଇ ଫେରି ଯାଉଛନ୍ତି । ବ୍ୟାଙ୍କର ପରିଚାଳକ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଛନ୍ତି ଯେ, ଏହାର ଅତି ତୁରନ୍ତ ସ୍ଥାୟୀ ପ୍ରତିକାର କରାଯିବ। ଯଦ୍ୱାରା ଗ୍ରାହକମାନେ ଠିକ ସେବା ପାଇପାରିବେ । ପାରଳାଖେମୁଣ୍ଡି ଷ୍ଟେଟ ବ୍ୟାଙ୍କ ମୂଖ୍ୟ ଶାଖାରେ ହଜାର ହଜାର ସଂଖ୍ୟାରେ ଗ୍ରାହକ ଅଛନ୍ତି। ସରକାରୀ ଚାକିରିଆ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ, ବାଧ୍ୟତାମୂଳକ ଷ୍ଟେଟ ବ୍ୟାଙ୍କରେ ହିଁ ଗ୍ରାହକ ହୋଇଥାନ୍ତି. ସେହିପରି ସରକାରୀ ଓ ବେସରକାରୀ ଏବଂ ଯେଉଁ ସମସ୍ତ ବ୍ୟବସାୟୀମାନେ ଷ୍ଟେଟ ବ୍ୟାଙ୍କର ଗ୍ରାହକ ଅଛନ୍ତି। ତେଣୁ ତାରିଖ ନିରୂପଣ ଯନ୍ତ୍ର ଠିକ ନ ଥିବାରୁ ହଜାର ହଜାର ଗ୍ରାହକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ ସ୍ଥାପନ

ପାରାଦୀପ,(ପି.ଏନ): ଚଳିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ ୪୧.୧୨ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦର ପ୍ରାଧିକରଣ ବନ୍ଦର ଇତିହାସରେ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି କ୍ଷ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବନ୍ଦର ଇତିହାସରେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଛି, ଯାହା ପୂର୍ବ ଆର୍ଥିକ, ୨୦୨୪ ବର୍ଷରେ ସମାନ ଅବଧିରେ ହାସଲ ହୋଇଥିବା ୩୯.୨୫ ଏମଏମଟି ତୁଳନାରେ ୪.୭୮ ପ୍ରତିଶତ ଅଭିବୃଦ୍ଧି ପ୍ରଦର୍ଶନ କରିଛି କ୍ଷ ଏହି ସଫଳତା କେବଳ ଭାରତର ସାମୁଦ୍ରିକ ଭିତ୍ତିଭୂମିକୁ ବ ?ାଇବାରେ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରେ ନାହିଁ ବରଂ କାର୍ଯ୍ୟକ୍ଷମତା ଏବଂ ଦକ୍ଷତା ବୃଦ୍ଧି ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି କ୍ଷ କେନ୍ଦ୍ର ବନ୍ଦର, ପରିବହନ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଙ୍କ ଗତିଶୀଳ ନେତୃତ୍ୱ ତଥା ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନରେ ପାରାଦୀପ ବନ୍ଦର ଏହାର ପୂର୍ବ ମାନଦଣ୍ଡକୁ ସଫଳତାର ସହ ଅତିକ୍ରମ କରି ଏହାର କାର୍ଯ୍ୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ଦକ୍ଷତା ପ୍ରଦର୍ଶନ କରିଥିବାର କୁହାଯାଇଛି ।

## ବିଜୁ ଶ୍ରମିକ ସଂଘ ପକ୍ଷରୁ ବିରୋଧୀ ଦଳ ନେତାଙ୍କୁ ସମ୍ବର୍ଦ୍ଧନା

ଦର୍ପଣ,(ପି ଏ ନ)ରାଜ୍ୟ ବିଜୁ ଶ୍ରମିକ ସଂଘ ର ମହାସଚ଼ିବ ସୁବାସ ସିଂ କ ନେତୃତ୍ୱ ରେ ଯାଜପୁର ଜିଲ୍ଲା ବିଜୁ ଶ୍ରମିକ ସଂଘ ର ସଭାପତି ପ୍ରଦୀପ ନାୟକ,ବଡ଼ ଚ଼ଣା ବ୍ଲକ ବିଜୁ ଶ୍ରମିକ ସଂଘ ଓ ପାଚ଼କ ପାଚ଼ିକା ସଂଘ ର ସଂଯୋଜକ ଜଗନ୍ନାଥ ମୁଦୁଲି ସମେତ ବିଭିନ୍ନ ଜିଲ୍ଲାର କାର୍ଯ୍ୟକର୍ତ୍ତା, ଅଙ୍ଗନୱା ଡି କେନ୍ଦ୍ର ର ମହିଳା, ପାଚ଼କ ପାଚ଼ିକା ସଂଘ ର ମହିଳା କାର୍ଯ୍ୟକର୍ତ୍ତା ମାନେ ପୁର୍ବତନ ମୁଖ୍ୟମନ୍ତ୍ରୀ , ରାଜ୍ୟ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ କୁ ତାଙ୍କ ନବୀନ ନିବାସ ରେ ସାକ୍ଷାତ କରି ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନବୀନ ବାବୁ କ ଦୀର୍ଘ ୨୪ବର୍ଷ ଶାସନ କାଳରେ ଯେଉଁ ଭଳି ମହିଳା ମାନେ ସୁବିଧା ପାଇ ଆତ୍ମ ନିର୍ଭର ଶିଳ ହୋଇ ପାରିଛନ୍ତି ଓ ପାଚ଼କ ପାଚ଼ିକା ମାନକୁ ତାଙ୍କ ଦରମା ବର୍ଦ୍ଧିତ କରି ଆଜି ନବୀନ ବାବୁ ପ୍ରଶଂସିତ ହୋଇ ଛନ୍ତି। ବିଜୁ ଶ୍ରମିକ ସଂଘ ଓ ପାଚ଼କ ପାଚ଼ିକା ସଂଘ ର ସମସ୍ତ କାର୍ଯ୍ୟ କର୍ତ୍ତା। ନବୀନ ବାବୁ କ ରାଜ୍ୟ ବାସୀ ମାନକ ସେବା କାର୍ଯ୍ୟ କୁ ଆଧାର କରି ଏ ସଂଘ ଆସନ୍ତା ନିର୍ବାଚ଼ନ ପର୍ଯ୍ୟନ୍ତ ବିଜେଡି ଦଳରେ ରହିବୁ ବୋଲି ରାଜ୍ୟ ବିଜୁ ଶ୍ରମିକ ସଂଘ ର ମହାସଚ଼ିବ ଶ୍ରୀ ସିଂ ପ୍ରକାଶ କରିଥିଲେ। ସେଠାରେ ସଂଯୋଜକ ଶ୍ରୀ ମୁଦୁଲି ଓ ଅନ୍ୟ ମାନେ ନବୀନ ପଟ୍ଟନାୟକ କ ଜୟ ଗାନ କରିଥଲେ। ବିଜେଡି ସୁପ୍ରିମୋ ନବୀନ ବାବୁ ଉପସ୍ଥିତ ସମସ୍ତ ସଂଘର କାର୍ଯ୍ୟକର୍ତ୍ତା ଓ ସଭ୍ୟ ମାନକୁ ଶୁଭେଛା ଜଣାଇଥିଲେ।

## ୨୫ ଲକ୍ଷ ଟଙ୍କା ନେଇ ମହିଳା ଗ୍ରୁପ୍ ଲିଡର ଫେରାର ନେଇ ଥାନାରେ ଅଭିଯୋଗ

ବାସୁଦେବପୁର : ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଘରୋଇ ସଂସ୍ଥା ପକ୍ଷରୁ ଗ୍ରାମ ଗ୍ରାମ ବୁଲି ମହିଳାମାନଙ୍କୁ ନେଇ ବିଭିନ୍ନ ଗ୍ରୁପ କରି ଲକ୍ଷାଧିକ ଟଙ୍କା ଋଣ ଆକାରରେ ଦେଇଥାନ୍ତି। ଉକ୍ତ ଋଣ ଟଙ୍କା କୁ ମହିଳା ମାନେ ଠିକ୍ ସମୟରେ ପଇଠ କରିଥାନ୍ତି ଏବଂ ପୁଣି ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ଟଙ୍କା ନେଇଥାନ୍ତି ।ଏକ ଘଟଣା କ୍ରମରେ ଗ୍ରୁପ୍ ସଦସ୍ୟ ମାନେ ପଇସା ବିଭିନ୍ନ ସଂସ୍ଥା ରୁ ଉଠାଇ ବା, ଗ୍ରୁପ୍ ଲିଡର ସଦସ୍ୟ ମାନଙ୍କ ପଇସା ନେଇଯିବା,ଏହି ପରି କିଛି ଦିନ ଠିକ୍ ଠାକ୍ ଚାଲିବା ପରେ କୌଣସି କାରଣ ବସତ ଠିକ୍ ସମୟରେ ଟଙ୍କା ନ ଦେଇ ପାରିବାରୁ ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ସମସ୍ତ କର୍ମଚାରୀ ମହିଳାମାନଙ୍କ ଘର ପାଖରେ ରାତି ୯ ଟା ପର୍ଯ୍ୟନ୍ତ ବସି ରହିବା ସହିତ ମହିଳା ମାନଙ୍କୁ ବିଭିନ୍ନ ପ୍ରକାରର କୁ ଭାଷାରେ ଗାଳିଗୁଲଜ କରୁଥିବାର , ଗ୍ରୁପ୍ ଲିଡର ଫେରାର ନେଇ ଥାନାରେ ଅଭିଯୋଗ କରିଛନ୍ତି ସଦସ୍ୟ ମାନେ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କୁମାରପୁର ଗ୍ରାମର ଘଟିଯାଇଛି ଏମିତି ଏକ ଘଟଣା, ଯାହା ଚ଼ିନ୍ତା ର ବିଷୟ। ଉକ୍ତ ଗ୍ରାମର ସନାତନ ଦାସ ପତ୍ନୀ ସାବିତ୍ରୀ ଦାସ ମହିଳା ଗ୍ରୁପ ଲିଡର ଭାବରେ ଦୀର୍ଘ ଦିନ ଧରି ଘରୋଇ ଅର୍ଥ ଲଗାଣ ସଂସ୍ଥା ନିକଟରୁ ଋଣ ଟଙ୍କା କାରବାର କରୁଥିଲେ । ପରେ ୨୫ ଲକ୍ଷ ଟଙ୍କା ଋଣ ନେଇ ଫେରାର ହୋଇଥିବା କିଛି ଗ୍ରୁପ ମହିଳା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଉକ୍ତ ମହିଳା ଜଣକ ବିଭିନ୍ନ କଥା କହି କିଛି ମହିଳାମାନଙ୍କୁ ନେଇ ଗ୍ରୁପ କରାଇ ଶେଷରେ ଠକିଥିବା ଅଭିଯୋଗ କରିଛନ୍ତି।

## ଓଡ଼ିଶାର ବିକାଶରେ ଆନ୍ଧ୍ର ଠିକାଦାରଙ୍କ ଆନ୍ତରିକତା ନାହିଁ: ବିଭାଗୀୟ ଅଧିକାରୀଙ୍କୁ ଆୟତ୍ତ କରି ନିମ୍ନମାନର କାର୍ଯ୍ୟ ଦ୍ୱାରା ଓଡିଶାର ରାଜସ୍ୱକୁ ଲୁଟି ଚାଲିଛନ୍ତି ଆନ୍ଧ୍ର ଠିକାଦାର

ପାରଳାଖେମୁଣ୍ଡି,(ପି.ଏନ): ଆନ୍ଧ୍ରପ୍ରଦେଶ ଠିକାଦାର ଓଡ଼ିଶାରେ ଠିକା କାମ କରୁଛନ୍ତି. ଏହି ଠିକାଦାରମାନେ ଆନ୍ଧ୍ର ପ୍ରଦେଶର ହୋଇଥିବାରୁ ଓଡ଼ିଶାର ବିକାଶ ପାଇଁ ଏମାନଙ୍କର ଆନ୍ତରିକତା ନାହିଁ ।ଏହି ଆନ୍ଧ୍ର ଠିକାଦାରମାନେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ଆୟତ୍ତ କରି ଠିକା କାମରେ ଅତ୍ୟଧିକ ଲାଭ ପାଇଁ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି ।ଏଥିରେ ଏହି ଆନ୍ଧ୍ର ଠିକାଦାରମାନେ ଓଡ଼ିଶାର ରାଜସ୍ୱକୁ ଲୁଟି ଚାଲିଛନ୍ତି ବୋଲି ଅଞ୍ଚଳବାସୀ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତିଯେ ଗତ ସରକାର ସମୟରେ ବିଭିନ୍ନ ଚ଼ାପ ଦ୍ୱାରା ଏହି ଆନ୍ଧ୍ର ଠିକାଦାରମାନେ ଓଡ଼ିଶାର ବିକାଶ ପାଇଁ ରାସ୍ତା ନିର୍ମାଣ କରିବା ପାଇଁ ଠିକା କାମ ପାଇଛନ୍ତି ।ସେହି ରାଜନୈତିକ ଚ଼ାପ ଦ୍ୱାରା ଏମାନେ କାହାକୁ ଖାତିର ନ କରି ମାତ୍ର କିଛି ଅର୍ଥ ଦ୍ୱାରା ଯନ୍ତ୍ରୀ ଓ ଅଧିକାରୀଙ୍କୁ କରାୟତ୍ତ କରି ଓଡ଼ିଶାର ଅର୍ଥକୁ ଲୁଟି ଚାଲିଛନ୍ତି। ଘଟଣା ନେଇ ବର୍ତ୍ତମାନର ସରକାର ଉଚ୍ଚସ୍ତରୀୟ ସରକାରୀ ତଦନ୍ତ ସହ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କଲେ ବହୁ ରହସ୍ୟ ଲୋକଲୋଚ଼ନକୁ ଆସିବା ସହ ଆନ୍ଧ୍ର ଠିକାଦାରଙ୍କ ଓଡିଶା ରାଜସ୍ୱ ଅର୍ଥର ଲୁଟକୁ ରୋକାଯାଇପାରିବ ବୋଲି ସାଧାରଣରେ ଦାବି ହୋଇଛି। ଘଟଣାରୁ ପ୍ରକାଶ, ୧୨ ଗୋଟି ବ୍ଲକକୁ ନେଇ ଗଠିତ ଗଜପତି ଜିଲ୍ଲାର କାଶୀନଗର ବ୍ଲକ। ଏଠାକାର ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ରାସ୍ତାଘାଟ ନିର୍ମାଣରେ ସରକାର ବହୁଅର୍ଥ ବିନିଯୋଗ କରୁଛନ୍ତି । କିଛି ଦିନ ହେଲା କାଶୀନଗର ବ୍ଲକ ଇଦୁଡ଼ି ଗ୍ରାମଠାରୁ ଖାଣ୍ଡବା ଗ୍ରାମ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାମ ଜାରି ରହିଛି। କିନ୍ତୁ ଏଥରେ ନିମ୍ନମାନର କାମ ହେଉଥିବା ନେଇ ଅଞ୍ଚଳବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗକୁ କେହି କର୍ଣ୍ଣପାତ କରୁନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଥିବା ପିଚୁ ରାସ୍ତାକୁ ହଟାଇ ରାସ୍ତାର ସମ୍ପ୍ରସାରଣ ସହିତ ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ପାଚେରୀ ଓ ଜଳ ନିଷ୍କାସନ ପାଇଁ କଲଭର୍ଟ କରିବା ପାଇଁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି। କିନ୍ତୁ କିଛି ସ୍ଥାନରେ ରାସ୍ତାଉପରୁ ବିଦ୍ୟୁତ୍ ଖୁଣ୍ଟି ନହଟାଇ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏପରିକି ଅନ୍ୟ କେତେକ ସ୍ଥାନରେ ପୁରୁଣା କଲଭର୍ଟ ଉପରେ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ରାସ୍ତାପାର୍ଶ୍ୱରେ ପାଚେରୀ ଗୁଡିକୁ ଭାଇବ୍ରେଟର ନଦେଇ କାମଚ଼ଳା ଭାବେ ତଥା ତରବରିଆ ଭାବେ ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଠିକାଦାରଙ୍କୁ ପଚ଼ାରିଲେ ସେ ନାଲିଆଖି ଦେଖାଇବା ସହ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହି ଆପରି କରୁଥିବା ଅଞ୍ଚଳବାସୀଙ୍କୁ ସେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଠିକାଦାର ଜଣକ ଆନ୍ଧ୍ରର ହୋଇଥିବା ବେଳେ କାହା ଛତ୍ରଛାୟା ତଳେ ରହି ସେ କାର୍ଯ୍ୟ କରୁଛନ୍ତି ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ରାସ୍ତାର ନିମ୍ନମାନର କାର୍ଯ୍ୟକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ମଧ ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବେଳେ ବିଭାଗୀୟ ଏସଡିଓଙ୍କୁ ଫୋନ ଯୋଗେ ସମ୍ପର୍କ ସ୍ଥାପନ କରାଯାଇଥିଲେ ହେଁ ତାଙ୍କଠାରୁ କୌଣସି ଉତ୍ତର ମିଳିପାରି ନାହିଁ। ବିଭାଗୀୟ କର୍ମଚ଼ାରୀ ଉକ୍ତ ରାସ୍ତାନିର୍ମାଣ କାର୍ଯ୍ୟସ୍ଥଳୀରେ ଉପସ୍ଥିତ ରହି ତଦାରଖ କରୁ ନଥିବା ଯୋଗୁ ପ୍ରତିବାଦ ସତ୍ତ୍ୱେ ଠିକାଦାରଙ୍କ ପକ୍ଷରୁ ନିମ୍ନମାନର କାମ ଜାରି ରହିଥିବା ଦେଖୁବାକୁ ମିଳିଛି ଓ ଉକ୍ତ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ହୋଇ କେତେକ ଯାତ୍ରୀ ଓ ପଥଚ଼ାରୀ ଆହତ ହୋଇଥିବା ଜଣାପଡ଼ିଛି । ଏହି ରାସ୍ତା ଆଗାମୀ ଦିନରେ ମରଣଯନ୍ତା ପାଲଟିବାର ଆଶଙ୍କା ସୃଷ୍ଟି ହୋଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray